ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 https://voiceofvictimsepaper.in Weekly Multilingual Rs - 5.00

ଭାଗ: ୩, ସଂଖ୍ୟା: ୫୧, ଭୁବନେଶ୍ୱର, ନଭେମ୍ବର ୯- ନଭେମ୍ବର ୧୫, ୨୦୨୬, Vol: 3, Issue: 51, Bhubaneswar, Nov. 9 - Nov. 15, 2026 Pages- 8

ପବିତ୍ର ଦୀପାବଳି ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା

ପୃଷ୍ଠା ୪ ସମ୍ପାଦକୀୟ : ଥ୍ରି-ବି.ଏଚ୍.କେ

ପୃଷ୍ଠା ୮ ବିଳମ୍ବିତ ମାମଲାକୁ ନେଇ...

ଔଷଧ ବିଲ୍‌ରେ ରୋଗୀଙ୍କୁ ଶୋଷଣ !



ଘରୋଇ ହସ୍ପିଟାଲ୍‌ର ଅତ୍ୟଧିକ ମୂଲ୍ୟ ଆଦାୟକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ : ଔଷଧ ମୂଲ୍ୟ ନିୟନ୍ତ୍ରଣ ନେଇ କେନ୍ଦ୍ରକୁ କଠୋର ପ୍ରଶ୍ନ

ଭିଓଭି ବ୍ୟୁରୋ : ରୋଗୀଙ୍କ ପାଇଁ ଔଷଧ ଜୀବନରକ୍ଷାର ମାଧ୍ୟମ, କିନ୍ତୁ ଯେତେବେଳେ ସେହି ଔଷଧର ମୂଲ୍ୟ ରୋଗୀ ଓ ତାଙ୍କ ପରିବାର ପାଇଁ ଅସହ୍ୟ ଆର୍ଥିକ ବୋଝ ପାଲଟିଯାଏ, ସେତେବେଳେ ସ୍ୱାସ୍ଥ୍ୟସେବାର ମାନବିକତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଘରୋଇ ହସ୍ପିଟାଲଗୁଡ଼ିକରେ ଔଷଧ, ମେଡିକାଲ ଉପକରଣ ଓ ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀର ଅତ୍ୟଧିକ ମୂଲ୍ୟ ଆଦାୟ ପ୍ରସଙ୍ଗକୁ ନେଇ ଏବେ କ୍ଷୁବ୍ଧ ହୋଇଛନ୍ତି ସୁପ୍ରିମକୋର୍ଟ। ଔଷଧର ମୂଳ ଯୋଗାଣ ମୂଲ୍ୟ ଓ ରୋଗୀଙ୍କଠାରୁ ଆଦାୟ କରାଯାଉଥିବା ଦାମ୍ ମଧ୍ୟରେ ବିରାଟ ପାର୍ଥକ୍ୟକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କୁ ମଧ୍ୟ କଠୋର ପ୍ରଶ୍ନ କରିଛନ୍ତି। ଔଷଧର ଦାମ୍ ଦଶଗୁଣ ହେବାରୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଚିନ୍ତା ବ୍ୟକ୍ତ କରିଛନ୍ତି। ଔଷଧର ଅତ୍ୟଧିକ ମୂଲ୍ୟ ନିୟନ୍ତ୍ରଣ ସମ୍ପର୍କିତ ଏକାଧିକ ଆବେଦନର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଔଷଧର ସର୍ବାଧିକ ଖୁଚୁରା ମୂଲ୍ୟ (MRP) ଓ ଖୁଚୁରା ବ୍ୟବସାୟୀଙ୍କ ପାଇଁ ଧାର୍ଯ୍ୟ ଯୋଗାଣ ମୂଲ୍ୟ (PTR) ମଧ୍ୟରେ ଥିବା ବିପୁଳ ବ୍ୟବଧାନକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୁଇ ବିଚାରପତି ବିକ୍ରମ ନାଥ ଓ ବିଚାରପତି ସନ୍ଦୀପ ମେହେତାଙ୍କ ଖଣ୍ଡପୀଠ ଏକ ଉଦାହରଣ ଦେଇ କହିଥିଲେ ଯେ, ଯେଉଁ କର୍କଟ ରୋଗର ଔଷଧ ଖୁଚୁରା ବ୍ୟବସାୟୀଙ୍କୁ ପ୍ରାୟ ୨,୭୦୦ ଟଙ୍କାରେ ମିଳୁଛି, ସେହି ଔଷଧର ମୂଲ୍ୟ ପ୍ୟାକେଟ୍‌ରେ ପ୍ରାୟ ୨୭,୦୦୦ ଟଙ୍କା ଛପା ହୋଇଛି। ଅର୍ଥାତ୍, ଦୁଇ ମୂଲ୍ୟ ମଧ୍ୟରେ ପ୍ରାୟ ଦଶଗୁଣର ପାର୍ଥକ୍ୟ। ଏପରି ବିରାଟ ମୂଲ୍ୟ ବ୍ୟବଧାନ କାହିଁକି ରହିଛି ଏବଂ ଏହାର ଫାଇଦା କିଏ ଉଠାଉଛି, ସେ ନେଇ ନ୍ୟାୟାଳୟ ପ୍ରଶ୍ନ ଉଠାଇଥିଲେ। ଔଷଧର ଦାମ୍ ନିର୍ଦ୍ଧାରଣ କ୍ଷେତ୍ରରେ ସାଧାରଣ ରୋଗୀଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ମଧ୍ୟ ଖଣ୍ଡପୀଠ ଗୁରୁତ୍ୱ ଦେଇଥିଲେ।

ରୋଗୀଙ୍କୁ ହସ୍ପିଟାଲ ଫାର୍ମାସିରୁ ଔଷଧ କିଣିବାକୁ ବାଧ କରାଯାଉଛି କାହିଁକି। ସୁପ୍ରିମକୋର୍ଟଙ୍କ ଉଦ୍‌ବେଗର ଅନ୍ୟତମ ପ୍ରମୁଖ କାରଣ ହେଉଛି ଘରୋଇ ହସ୍ପିଟାଲର ନିଜସ୍ୱ ଔଷଧ ଦୋକାନ ବା ହସ୍ପିଟାଲ ସହ ସଂପୃକ୍ତ ଫାର୍ମାସିରୁ ଔଷଧ କିଣିବା ପାଇଁ ରୋଗୀଙ୍କ ଉପରେ ପଡୁଥିବା ଚାପ। ଅଭିଯୋଗ ଅନୁଯାୟୀ, କେତେକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀଙ୍କୁ ହସ୍ପିଟାଲ ପରିସରରେ ଥିବା ନିର୍ଦ୍ଦିଷ୍ଟ ଔଷଧ ଦୋକାନରୁ ଔଷଧ କିଣିବାକୁ କୁହାଯାଏ। ବାହାର ଦୋକାନରୁ ସମାନ ଔଷଧ କିଣି ଆଣିଲେ ତାହାର ବ୍ୟବହାରକୁ ନେଇ ଅସୁବିଧା ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହୁଥିବା ଅଭିଯୋଗ ହୋଇଛି। ଏହି ପରିସ୍ଥିତିରେ ରୋଗୀଙ୍କ ପାଖରେ ବିକଳ୍ପ ସୀମିତ ହୋଇଯାଏ। ଜରୁରୀ ଚିକିତ୍ସା ଚାଲିଥିବା ସମୟରେ ପରିବାର ଲୋକେ ଔଷଧର ଦାମ୍ ନେଇ ଯୁକ୍ତି କରିବାକୁ ଭୟ କରନ୍ତି। ଫଳରେ ଅଧିକ ମୂଲ୍ୟରେ ଔଷଧ କିଣିବାକୁ ବାଧ ହେବାର ଆଶଙ୍କା ବଢ଼ିଯାଏ। ସୁପ୍ରିମକୋର୍ଟ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ, ସରକାରୀ ସ୍ୱାସ୍ଥ୍ୟ ଯୋଜନାରେ ଚିକିତ୍ସା ହେଉଥିବା ରୋଗୀଙ୍କ କ୍ଷେତ୍ରରେ ମଧ୍ୟ ଔଷଧର ଅଧିକ ମୂଲ୍ୟର ଆର୍ଥିକ ବୋଝ ଶେଷରେ ସରକାରୀ ଅର୍ଥ ଉପରେ ପଡ଼ିପାରେ। ଏପରି ସ୍ଥିତିରେ ରୋଗୀଙ୍କ ସହ ଟିକସଦାତାଙ୍କ ସ୍ୱାର୍ଥ ମଧ୍ୟ ପ୍ରଭାବିତ ହେଉଛି।

କର୍କଟ ଔଷଧର ଦାମ୍ ୧.୩୦ ଲକ୍ଷ ଟଙ୍କା ରହିଥିବାରୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଔଷଧର ମୂଲ୍ୟ ବ୍ୟବଧାନ ସମ୍ପର୍କରେ ଅକ୍ଟୋବର ୨୭ ତାରିଖର ଶୁଣାଣିରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ସାମ୍ନାକୁ ଆସିଥିଲା। ଏକ ଔଷଧ ବିତରକ ଜଣେ ରୋଗୀଙ୍କ ପତ୍ନୀଙ୍କ ଚିକିତ୍ସା ପାଇଁ ନିର୍ମାତାଙ୍କଠାରୁ ପ୍ରାୟ ୧,୧୦୦ ଟଙ୍କାରେ ଏକ କର୍କଟ ଔଷଧ ଯୋଗାଡ଼ କରିଦେବାର ପ୍ରସ୍ତାବ ଦେଇଥିବା ବେଳେ ଏକ ଘରୋଇ ହସ୍ପିଟାଲ ସେହି ଔଷଧ ପାଇଁ ୧.୩୦ ଲକ୍ଷ ଟଙ୍କା ଆଦାୟ କରିଥିବା ଘଟଣା ନ୍ୟାୟାଳୟରେ ଉଲ୍ଲେଖ କରାଯାଇଥିଲା। ଏହି ଉଦାହରଣ ଔଷଧର ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଓ ରୋଗୀଙ୍କଠାରୁ ଆଦାୟ କରାଯାଉଥିବା ଅର୍ଥର ସ୍ୱଚ୍ଛତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ତେବେ ଏହା ଏକ ନିର୍ଦ୍ଦିଷ୍ଟ ଘଟଣାର ଉଦାହରଣ; ସମସ୍ତ ଘରୋଇ ହସ୍ପିଟାଲ ଏପରି କରୁଛନ୍ତି ବୋଲି ଏଥିରୁ ନିଷ୍କର୍ଷ କରାଯାଇପାରିବ ନାହିଁ। ଔଷଧ ମୂଲ୍ୟ ନିୟନ୍ତ୍ରଣରେ ସରକାରଙ୍କ ଭୂମିକାକୁ ନେଇ ପ୍ରଶ୍ନ କରିଛନ୍ତି ମାନ୍ୟବର ଅଦାଲତ। ଔଷଧର ଅତ୍ୟଧିକ ମୂଲ୍ୟ ଆଦାୟ ପ୍ରସଙ୍ଗରେ ସୁପ୍ରିମକୋର୍ଟ କେବଳ ଘରୋଇ ହସ୍ପିଟାଲ ନୁହେଁ, କେନ୍ଦ୍ର ସରକାରଙ୍କ ଔଷଧ ମୂଲ୍ୟ ନିୟନ୍ତ୍ରଣ ନୀତିକୁ ମଧ୍ୟ ପ୍ରଶ୍ନ କରିଛନ୍ତି। ଅକ୍ଟୋବର ୨୭ ତାରିଖରେ ଦୁଇଟି ଆବେଦନର ଶୁଣାଣି ସମୟରେ ଖଣ୍ଡପୀଠ ପଚାରିଥିଲେ, ସମସ୍ତ ଔଷଧକୁ ମୂଲ୍ୟ ନିୟନ୍ତ୍ରଣ ବ୍ୟବସ୍ଥା ଅଧୀନକୁ ଆଣିବାରେ ଅସୁବିଧା କେଉଁଠି ? ଔଷଧର ଦାମ୍ ନିର୍ଦ୍ଧାରଣ କରିବା ସମୟରେ ସାଧାରଣ ଲୋକଙ୍କ ଜୀବନ ଓ ସ୍ୱାସ୍ଥ୍ୟ ଅପେକ୍ଷା ବ୍ୟବସାୟିକ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ କି ନୁହେଁ, ସେ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। କେନ୍ଦ୍ର ସରକାର ପକ୍ଷରୁ କୁହାଯାଇଥିଲା ଯେ, ୧୩୭ଟି ଅଣ-ସୂଚୀଭୁକ୍ତ କର୍କଟ ଔଷଧ ଉପରେ ବାଣିଜ୍ୟିକ ଲାଭର ସୀମା ନିର୍ଦ୍ଧାରଣ କରିବା ଦ୍ୱାରା ରୋଗୀଙ୍କ ଖର୍ଚ୍ଚ ହ୍ରାସ ପାଇପାରିବ। ତେବେ ଏହି ପଦକ୍ଷେପର ପ୍ରଭାବ ଓ ଔଷଧର ପ୍ରକୃତ ମୂଲ୍ୟ ନିର୍ଦ୍ଧାରଣ ବ୍ୟବସ୍ଥାକୁ ନେଇ ନ୍ୟାୟାଳୟ ଅଧିକ ସ୍ପଷ୍ଟତା ଚାହିଁଥିଲେ। ଅକ୍ଟୋବର ୨୭ ତାରିଖରେ ଏହି ଆବେଦନଗୁଡ଼ିକ ଉପରେ ରାୟ ସଂରକ୍ଷିତ ରଖାଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ତେଣୁ ଏହି ପ୍ରସଙ୍ଗରେ ନ୍ୟାୟାଳୟଙ୍କ ଚୂଡ଼ାନ୍ତ ରାୟକୁ ଅପେକ୍ଷା କରାଯାଉଛି। ଔଷଧ ଉପରେ କେତେ ଲାଭ ରଖିଲେ ତାହା ଯୁକ୍ତିସଙ୍ଗତ ହେବ ଏପରି ପ୍ରଶ୍ନ ମଧ୍ୟ ମନକୁ ଆସୁଛି। ଔଷଧ ନିର୍ମାତା, ବିତରକ, ଖୁଚୁରା ବ୍ୟବସାୟୀ ଓ ହସ୍ପିଟାଲ ମଧ୍ୟରେ ଔଷଧର ଦାମ୍ କିପରି ନିର୍ଦ୍ଧାରିତ ହେଉଛି, ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଭାରତରେ ଔଷଧର ମୂଲ୍ୟ ନିୟନ୍ତ୍ରଣ ପାଇଁ ଔଷଧ ମୂଲ୍ୟ ନିୟନ୍ତ୍ରଣ ଆଦେଶ, ୨୦୧୩ (DPCO) ଓ ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ (NPPA) ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାନ୍ତି। କିନ୍ତୁ ସମସ୍ତ ଔଷଧ ଏକାପରି ମୂଲ୍ୟ ନିୟନ୍ତ୍ରଣ ଅଧୀନରେ ନାହିଁ। ସୂଚୀଭୁକ୍ତ ଔଷଧ ପାଇଁ ନିର୍ଦ୍ଧାରିତ ସୀମା ଥିବାବେଳେ ଅଣ-ସୂଚୀଭୁକ୍ତ ଔଷଧର ମୂଲ୍ୟ ନିର୍ଦ୍ଧାରଣରେ ଅଧିକ ସ୍ୱାଧୀନତା ରହିଛି। ଏହି ବ୍ୟବସ୍ଥାରେ ଔଷଧର ପ୍ରକୃତ ଯୋଗାଣ ମୂଲ୍ୟ ଓ ଛପାଯାଇଥିବା ସର୍ବାଧିକ ଖୁଚୁରା ମୂଲ୍ୟ ମଧ୍ୟରେ ବଡ଼ ପାର୍ଥକ୍ୟ ରହିବାର

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

FOR EXCLUSIVE WEDDING CARDS

ବନ୍ଧନ ସୁ-ସମ୍ପର୍କ ଗଢେ

ପ୍ରଥା ପରମ୍ପରାକୁ ଦେବାକୁ ସମ୍ମାନ ।
ବନ୍ଧନ ପରିବାର କରେ ନିବେଦନ ।


Bandthan ® ସୁ-ସମ୍ପର୍କ ଗଢେ

WE HAVE NO BRANCH

8260685257 www.bandhancards.com 0674-2310196

ଭାରତୀୟ ରାଜନୀତିର ଏକ ଦୀର୍ଘ ଓ ଚର୍ଚ୍ଚିତ ଅଧ୍ୟାୟର ନାମ ଲାଲକୃଷ୍ଣ ଆଡ଼ଭାନୀ। ନଭେମ୍ବର ୮ ତାରିଖରେ ତାଙ୍କ ଜନ୍ମଦିନ ଅବସରରେ ଦେଶର ରାଜନୈତିକ ଇତିହାସରେ ତାଙ୍କ ଅବଦାନ, ସଂଘର୍ଷ ଓ ନେତୃତ୍ୱକୁ ସ୍ମରଣ କରିଛନ୍ତି : **କୈଳାସ ଚନ୍ଦ୍ର ଶତପଥୀ**

ରାଜନୀତିର ଶତାୟୁ ପଥିକ ଆଡ଼ଭାନୀ




ତ୍ୟାଗର ଗୌରବ, ପଦବୀର ବିଡ଼ମ୍ବନା

ରାଜନୀତିରେ କେହି ନିଜ ପରିଶ୍ରମ ବଳରେ ଇତିହାସ ରଚନ୍ତି, ଆଉ କେହି ସେହି ଇତିହାସର ଶୀର୍ଷସ୍ଥାନରେ ପହଞ୍ଚିବାରୁ ବଞ୍ଚିତ ହୁଅନ୍ତି। ଦୀର୍ଘ ରାଜନୈତିକ ଜୀବନ, ସାଂଗଠନିକ ଦକ୍ଷତା ଓ ଅସୀମ ଅବଦାନ ସତ୍ତ୍ୱେ ସର୍ବୋଚ୍ଚ କ୍ଷମତାର ଆସନରେ ବସିବାକୁ ସୁଯୋଗ ନ ପାଇବାର ଏକ ଉଲ୍ଲେଖନୀୟ ଉଦାହରଣ ହେଉଛନ୍ତି ଲାଲକୃଷ୍ଣ ଆଡ଼ଭାନୀ। ୧୯୨୭ ମସିହା ନଭେମ୍ବର ୮ ତାରିଖରେ ଅବିଭକ୍ତ ଭାରତର କରାଚୀରେ ଜନ୍ମଗ୍ରହଣ କରିଥିବା ଆଡ଼ଭାନୀ ୨୦୨୬ ନଭେମ୍ବର ୮ ତାରିଖରେ ୯୯ ବର୍ଷ ପୂରଣ କରି ଜୀବନର ଶତାୟୁ ବର୍ଷରେ ପଦାର୍ପଣ କରିବେ। ବିଭାଜନର ଯନ୍ତ୍ରଣା ଓ ଦେଶାନ୍ତରର ଅନୁଭୂତି ଦେଇ ଗତି କରିଥିବା ଏହି ବ୍ୟକ୍ତି ନିଜ ଜୀବନକୁ ସଂଗଠନ ଓ ରାଜନୀତି ପାଇଁ ଉତ୍ସର୍ଗ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘରୁ ନିଜର ସାଂଗଠନିକ ଯାତ୍ରା ଆରମ୍ଭ କରି ସେ ଭାରତୀୟ ଜନସଂଘରେ କାର୍ଯ୍ୟ କରିଥିଲେ। ୧୯୮୦ରେ ଭାରତୀୟ ଜନତା ପାର୍ଟି ଗଠନ ପରେ ଏହାକୁ ଏକ ଜାତୀୟ ରାଜନୈତିକ ଶକ୍ତିରେ ପରିଣତ କରିବାରେ ଆଡ଼ଭାନୀଙ୍କ ଅବଦାନ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଟଳ ବିହାରୀ ବାଜପେୟୀଙ୍କ ସହ ତାଙ୍କର ରାଜନୈତିକ ଯୁଗଳବନ୍ଦୀ ବିଜେପିର ଉତ୍ଥାନରେ ଏକ ନିର୍ଣ୍ଣାୟକ ଭୂମିକା ନେଇଥିଲା। ୧୯୮୪ର ଲୋକସଭା ନିର୍ବାଚନରେ ମାତ୍ର ଦୁଇଟି ଆସନ ପାଇଥିବା ଦଳ ୧୯୮୯ରେ ୮୫ଟି ଆସନ ଜିତିଥିଲା। ପରବର୍ତ୍ତୀ ନିର୍ବାଚନଗୁଡ଼ିକରେ ଦଳର ପ୍ରଭାବ ଆହୁରି ବୃଦ୍ଧି ପାଇଥିଲା। ଏହି ଯାତ୍ରାରେ ଆଡ଼ଭାନୀଙ୍କ ସାଂଗଠନିକ ପରିଶ୍ରମ ଓ ରାଜନୈତିକ ରଣନୀତିକୁ ଅଣଦେଖା କରିହେବ ନାହିଁ।

୧୯୯୦ରେ ସୋମନାଥରୁ ଅଯୋଧ୍ୟା ପର୍ଯ୍ୟନ୍ତ ତାଙ୍କର ରାମ ରଥଯାତ୍ରା ଭାରତୀୟ ରାଜନୀତିରେ ଏକ ବଡ଼ ମୋଡ଼ ଆଣିଥିଲା। ଏହା ବିଜେପିର ଜନାଧାର ବୃଦ୍ଧି କରିଥିବା ବେଳେ ଦେଶର ରାଜନୈତିକ ଓ ସାମାଜିକ ପରିବେଶରେ ଗଭୀର ବିତର୍କ ମଧ୍ୟ ସୃଷ୍ଟି କରିଥିଲା। ଏହାର ସମର୍ଥକମାନେ ଏହାକୁ ସାଂସ୍କୃତିକ ଜାଗରଣର ଅଭିଯାନ ବୋଲି ଦେଖିଥିବା ବେଳେ ସମାଲୋଚକମାନେ ଏହାର ସାମାଜିକ ପ୍ରଭାବ ଓ ସାମ୍ପ୍ରଦାୟିକ ଉତ୍ତେଜନାକୁ ନେଇ ପ୍ରଶ୍ନ ଉଠାଇଥିଲେ। ତଥାପି, ଏହି ଯାତ୍ରା ଆଡ଼ଭାନୀଙ୍କୁ ଜାତୀୟ ରାଜନୀତିର ଅନ୍ୟତମ ପ୍ରଭାବଶାଳୀ ନେତା ଭାବେ ପ୍ରତିଷ୍ଠିତ କରିଥିଲା। ସେ ଖାଲି ବିଜେପିର ଦଳୀୟ ସଂଗଠକ ନଥିଲେ; କେନ୍ଦ୍ର ସରକାରରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ, ଗୃହମନ୍ତ୍ରୀ ଏବଂ ଉପପ୍ରଧାନମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ୧୯୯୯ରୁ ୨୦୦୪ ମଧ୍ୟରେ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ସେ ଥିଲେ ଦ୍ୱିତୀୟ ପ୍ରମୁଖ ନେତା। ତାଙ୍କର ଦୀର୍ଘ ସାଂସଦୀୟ ଜୀବନ ଓ ସାଂଗଠନିକ ଅବଦାନ ତାଙ୍କୁ ଭାରତୀୟ ରାଜନୀତିର ଏକ ଅବିସ୍ମରଣୀୟ ଚରିତ୍ରରେ ପରିଣତ କରିଛି। ୨୦୨୪ରେ ତାଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରାଯାଇଥିଲା।

ତେବେ ଏତେ ସବୁ ସଫଳତା ସତ୍ତ୍ୱେ ଏକ ପ୍ରଶ୍ନ ମନକୁ ଆନ୍ଦୋଳିତ କରେ, ଯେଉଁ ନେତା ଗୋଟିଏ ଦଳକୁ ଦେଶର ଶାସନ କ୍ଷମତାର ଶୀର୍ଷକୁ ନେବାରେ ଏତେ ବଡ଼ ଭୂମିକା ନେଲେ, ସେ ନିଜେ କାହିଁକି ପ୍ରଧାନମନ୍ତ୍ରୀ ହୋଇପାରିଲେ ନାହିଁ? କାହିଁକି ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ପଦବୀ ମଧ୍ୟ ତାଙ୍କ ଭାଗ୍ୟରେ ଜୁଟିଲା ନାହିଁ? ଏଠାରେ ରାଜନୀତିର ବାସ୍ତବତାକୁ ବୁଝିବା ଆବଶ୍ୟକ। ପ୍ରଧାନମନ୍ତ୍ରୀ ପଦ କେବଳ ଦୀର୍ଘ ଅଭିଜ୍ଞତା କିମ୍ବା ଦଳ ଗଠନରେ ଅବଦାନର ଆଧାରରେ ମିଳେ ନାହିଁ। ଦଳୀୟ ସମୀକରଣ, ନିର୍ବାଚନୀ ସଫଳତା, ସହଯୋଗୀ ଦଳମାନଙ୍କ ସମର୍ଥନ, ଜନମତ ଏବଂ ନିର୍ଦ୍ଦିଷ୍ଟ ସମୟର ରାଜନୈତିକ ପରିସ୍ଥିତି ଏଥିରେ ନିର୍ଣ୍ଣାୟକ ହୋଇଥାଏ। ୨୦୦୪ରେ ଏନ୍‌ଡିଏର ପରାଜୟ ପରେ ଆଡ଼ଭାନୀ ବିରୋଧୀ ଦଳର ନେତା ହୋଇଥିଲେ; କିନ୍ତୁ ପ୍ରଧାନମନ୍ତ୍ରୀ ପଦ ତାଙ୍କ ପାଇଁ ଅପହଞ୍ଚ ରହିଗଲା। ସେହିପରି, ରାଷ୍ଟ୍ରପତି ପଦ ମଧ୍ୟ ତାଙ୍କର ରାଜନୈତିକ ଜୀବନର ଏକ ଅପୂର୍ଣ୍ଣ ଅଧ୍ୟାୟ। ତେବେ ସେ ଏହି ଦୁଇଟି ପଦ ପାଇଁ ଆନୁଷ୍ଠାନିକ ଭାବେ କେଉଁ ସମୟରେ ପ୍ରାର୍ଥୀ ହୋଇଥିଲେ କିମ୍ବା ତାଙ୍କୁ କେଉଁ ପରିସ୍ଥିତିରେ ଚୟନ କରାଯାଇନଥିଲା, ସେ ସମ୍ପର୍କରେ ପ୍ରମାଣିତ ତଥ୍ୟ ବିନା ନିଶ୍ଚିତ ନିଷ୍କର୍ଷ ଦେବା ଉଚିତ ନୁହେଁ। ଜୀବନର ଏହି ଅଧ୍ୟାୟ ଆମକୁ ଏକ ପୁରୁଣା ସତ୍ୟ ମନେ ପକାଇଦିଏ, ପରିଶ୍ରମ ସଫଳତାର ରାସ୍ତା ଖୋଲିପାରେ, କିନ୍ତୁ ସଫଳତାର ପ୍ରତ୍ୟେକ ଶୀର୍ଷରେ ପହଞ୍ଚିବା ନିଶ୍ଚିତ କରିପାରେ ନାହିଁ। ରାଜନୀତିରେ ଯୋଗ୍ୟତା ସହିତ ସମୟ, ପରିସ୍ଥିତି ଓ ସମର୍ଥନର ମଧ୍ୟ ଗୁରୁତ୍ୱ ରହିଛି। ତେଣୁ ଆମ ସମାଜରେ ପ୍ରଚଳିତ ଏହି କଥା, 'ରାଜା ହେବାକୁ ଭାଗ୍ୟ ଦରକାର', ଆଡ଼ଭାନୀଙ୍କ ଜୀବନକୁ ଦେଖିଲେ ଆଂଶିକ ଭାବେ ସତ୍ୟ ମନେହୁଏ। କିନ୍ତୁ ତାଙ୍କ ଜୀବନକୁ କେବଳ ଅପୂର୍ଣ୍ଣ ଆକାଂକ୍ଷାର ମାପକାଠିରେ ମାପିବା ମଧ୍ୟ ଅନ୍ୟାୟ ହେବ।

ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତି ନହୋଇ ମଧ୍ୟ ଜଣେ ନେତା ଇତିହାସରେ ନିଜର ସ୍ଥାନ ସୁଦୃଢ଼ କରିପାରନ୍ତି। ଆଡ଼ଭାନୀଙ୍କ ଜୀବନ ତାହାର ଉଦାହରଣ। ତାଙ୍କ ଦଳ ଆଜି ଦେଶର ଶାସନର ନେତୃତ୍ୱ ନେଉଛି; ସେ ନିଜେ ମଧ୍ୟ ଭାରତ ରତ୍ନ ପାଇ ଦେଶର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତେଣୁ ତାଙ୍କ ଜୀବନର ମୂଲ୍ୟାୟନ କେବଳ ସେ କେଉଁ ଆସନରେ ବସିଲେ ତାହା ନୁହେଁ, ବରଂ ସେ କେଉଁ ଇତିହାସ ଗଢ଼ିଲେ ତାହାକୁ ନେଇ ହେବା ଉଚିତ। ଭାଗ୍ୟ ହୁଏତ ଜଣେ ବ୍ୟକ୍ତିଙ୍କୁ ଶାସନର ସର୍ବୋଚ୍ଚ ଆସନରେ ବସାଇପାରେ, କିନ୍ତୁ ଇତିହାସରେ ସ୍ଥାନ ପାଇବା ପାଇଁ କେବଳ ଆସନ ଯଥେଷ୍ଟ ନୁହେଁ। ସେଥିପାଇଁ ଆବଶ୍ୟକ ଦୀର୍ଘ ସଂଘର୍ଷ, ଅବଦାନ ଓ ସମୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଶକ୍ତି। ଆଡ଼ଭାନୀଙ୍କ ଜୀବନରେ ପଦବୀର ଅପୂର୍ଣ୍ଣତା ଥାଇପାରେ, କିନ୍ତୁ ତାଙ୍କ ରାଜନୈତିକ ଉତ୍ତରାଧିକାରର ଗୁରୁତ୍ୱକୁ ଅସ୍ୱୀକାର କରିହେବ ନାହିଁ।



ସୋଆ ଆଇଭିଏସ୍ଏଏଚ୍‌ରେ ପରିସଂଖ୍ୟାନ ଓ ପ୍ରୟୋଗ ସମ୍ବନ୍ଧୀୟ କର୍ମଶାଳା



ଭୁବନେଶ୍ୱର (ଭିଓଭି) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନସ୍ ଆଣ୍ଡ ଆନିମଲ ହଜବ୍ୟାଣ୍ଡ୍ରି (ଆଭିଏସ୍ଏଏଚ୍)ରେ ବୁଧବାର ପ୍ରାଣୀପ୍ରଜନନ (ଆନିମଲ୍ ଜେନେଟିକ୍ସ ଆଣ୍ଡ ବ୍ରିଡିଂ) ବିଭାଗ ପକ୍ଷରୁ ଗବେଷଣା କ୍ଷେତ୍ରରେ ପରିସଂଖ୍ୟାନର ଗୁରୁତ୍ୱ ଓ ଏହାର ବ୍ୟବହାରିକ ପ୍ରୟୋଗ ସମ୍ବନ୍ଧୀୟ ଗବେଷଣ ଓ ଶିକ୍ଷକମାନଙ୍କୁ କିପରି ଅଧିକ ଦକ୍ଷ କରାଯାଇପାରିବ ସେ ସମ୍ପର୍କିତ ଦୁଇ ଦିନିଆ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି ।

ଏହି କର୍ମଶାଳାରେ ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ବିଭିନ୍ନ ଶିକ୍ଷାନୁଷ୍ଠାନ ନର୍ସିଂ, ଆଇଏଏସ୍, ଫାର୍ମାସୀ, ବାୟୋଟେକ୍‌ନୋଲୋଜି ଓ ଭେଟେରିନାରୀ ମହାବିଦ୍ୟାଳୟର ୪୩ ଜଣ ଶିକ୍ଷକ ଅଂଶଗ୍ରହଣ କରି ପରିସଂଖ୍ୟାନ (ଷ୍ଟାଟିଷ୍ଟିକ୍ସ)ର ବିଭିନ୍ନ ଦିଗ ଓ ଗବେଷଣାରେ ଏହାର ପ୍ରୟୋଗ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ ।

ଗବେଷଣାର ଗୁଣବତା ଓ ଡାଟା (ତଥ୍ୟ) ସଂଗ୍ରହ, ବିଶ୍ଳେଷଣ ଓ ଗବେଷଣାତ୍ମକ ନିବନ୍ଧ ପ୍ରସ୍ତୁତି ଉପରେ ନିର୍ଭର କରେ । ତେବେ ଅନେକ ଗବେଷକ ତଥ୍ୟ ସଂଗ୍ରହ କରୁଥିଲେ ମଧ୍ୟ ତାହାକୁ କେଉଁ ପରିସଂଖ୍ୟାନ ଡିଜାଇନ୍, ବିଶ୍ଳେଷଣ କରାଯିବ ଏବଂ ଏଥିରୁ କିଭଳି ଉପଯୁକ୍ତ ଫଳାଫଳ ମିଳିବ ସେ ସଂପର୍କରେ ସ୍ପଷ୍ଟ ଧାରଣା ରଖିପାରୁନାହାନ୍ତି ।

ଆୟୋଜିତ ଏହି କାର୍ଯ୍ୟକ୍ରମରେ କେଉଁ ଡାଟାକୁ କେଉଁ ଷ୍ଟାଟିଷ୍ଟିକାଲ୍ ଡିଜାଇନ୍ ଦରକାର ଓ ଅତି ସହଜରେ କିପରି ତାର ଆନାଇଲିସିସ, କମ୍ପ୍ୟୁଟର ମାଧ୍ୟମରେ (ଏସ୍‌ପିଏସ୍‌ଏସ୍) ସଫ୍ଟୱେର ସାହାଯ୍ୟରେ କରାଯାଇପାରିବ ସେ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବା ପରିପ୍ରେକ୍ଷୀରେ ପରିସଂଖ୍ୟାନ ବିନା ଗବେଷଣା ଅସମ୍ପୂର୍ଣ୍ଣ ଓ ଦିଗହୀନ ବୋଲି ଅଭିହିତ କରିଥିଲେ । କୌଣସି ଗବେଷଣା ପରିସଂଖ୍ୟାନ ଗଭୀର ଭାବେ ନିର୍ଭରଶୀଳ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଆଇଭିଏସ୍‌ଏଏଚର ଡିନ୍ ପ୍ରଫେସର ସୁଶାନ୍ତ କୁମାର ଦାସ ଓ ନିର୍ଦ୍ଦେଶକ, ସୋଆ ପ୍ରଫେସର କୌତୁକ କୁମାର ସର୍ଦ୍ଦାର ମଧ୍ୟ ଉଦ୍‌ବୋଧନ ଦେଇଥିଲେ । ପ୍ରଫେସର ସର୍ଦ୍ଦାର କହିଥିଲେ ଯେ ଜୀବ ବିଜ୍ଞାନର ଗବେଷଣାରତ ଗବେଷକଙ୍କ ପରିସଂଖ୍ୟାନ ଓ ପ୍ରୟୋଗ ଜ୍ଞାନର ପରିସୀମା ଅଧିକ ବୃଦ୍ଧି କରାଗଲେ ଏ ସମ୍ପର୍କିତ ଅଧିକ ପ୍ରବନ୍ଧ ପ୍ରକାଶିତ ହୋଇପାରିବ ।

ମେଡିକାଲ କଲେଜଗୁଡ଼ିକରେ ବଢ଼ିଲା ପିଜି ସିଟ୍

ଭୁବନେଶ୍ୱର (ଭିଓଭି) : ରାଜ୍ୟରେ ସରକାରୀ ମେଡିକାଲ କଲେଜଗୁଡ଼ିକରେ ବଢ଼ିଲା ପିଜି ସିଟ୍ । ୩୧୮ଟି ମେଡିକାଲ ପିଜି ସିଟ୍ ବୃଦ୍ଧି କଲେ ରାଜ୍ୟ ସରକାର । ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦେଇଛନ୍ତି ଏହି ସୂଚନା । ଏହା ଦ୍ୱାରା ରାଜ୍ୟରେ ବିଶେଷଜ୍ଞ ଡାକ୍ତର ସୃଷ୍ଟି ଓ ଉନ୍ନତ ସ୍ୱାସ୍ଥ୍ୟସେବାକୁ ଗତି ମିଳିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ । ପୂର୍ବରୁ ରାଜ୍ୟର ବିଭିନ୍ନ ମେଡିକାଲ କଲେଜଗୁଡ଼ିକରେ ମିଶି ପିଜି ସିଟ୍ ସଂଖ୍ୟା ୬୨୦ ଥିବା ବେଳେ ଏବେ ଏହା ୯୩୮କୁ ବୃଦ୍ଧି ପାଇଛି । ୫ଟି ସରକାରୀ ମେଡିକାଲ କଲେଜ ପ୍ରଥମଥର ପାଇଁ ପିଜି ସିଟ୍ ପାଇଛନ୍ତି । କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲରେ ପୂର୍ବରୁ ୨୩୨ଟି ପିଜି ସିଟ୍ ଥିବା ବେଳେ ଏହାକୁ ଆହୁରି ୧୭ଟି ସିଟ୍ ଦିଆଯାଇଛି । ଫଳରେ ଏଠାରେ ପିଜି ସିଟ୍ ସଂଖ୍ୟା ୨୪୯କୁ ବୃଦ୍ଧି ପାଇଛି । ବ୍ରର୍ଲା ଭୀମ୍‌ସାରରେ ପୂର୍ବରୁ ୧୪୪ଟି ପିଜି ସିଟ୍ ଥିବା ବେଳେ ଏବେ ୧୫୫କୁ ବୃଦ୍ଧି ପାଇଛି । ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲରେ ପିଜି ସିଟ୍ ସଂଖ୍ୟାରେ କୌଣସି ବୃଦ୍ଧି କରାଯାଇନାହିଁ । ଏଠାରେ ୧୫୮ଟି ପିଜି ସିଟ୍ ଅଛି । ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜ ଓ ହସ୍‌ପିଟାଲରେ ପୂର୍ବରୁ ୨୦ଟି ପିଜି ସିଟ୍ ଥିବା ବେଳେ ଏବେ ଏହା ୫୩କୁ ବୃଦ୍ଧି ପାଇଛି । ଅର୍ଥାତ୍ ଏହି ମେଡିକାଲ କଲେଜ ଆହୁରି ୩୩ଟି ପିଜି ସିଟ୍ ପାଇଛି । ବଲାଙ୍ଗିର ସ୍ଥିତ ବିବି ମେଡିକାଲ କଲେଜ ଓ ହସ୍‌ପିଟାଲରେ ୧୦ଟି ପିଜି ସିଟ୍ ଥିବା ବେଳେ ଏବେ ଏହା ବୃଦ୍ଧି ପାଇ ୫୪ରେ ପହଞ୍ଚିଛି । ବାଲେଶ୍ୱର ଏଫଏମ ମେଡିକାଲ କଲେଜ ଓ ହସ୍‌ପିଟାଲରେ ପିଜି ସିଟ୍ ସଂଖ୍ୟା ୮ରୁ ୫୪କୁ ବୃଦ୍ଧି ପାଇଛି । ଏଠାରେ ଏକା ଥରକେ ୪୬ଟି ପିଜି ସିଟ୍ ବଢ଼ିଛି । କଟକର ଏଏଚ୍‌ପିଜିଆଇସିରେ ୧୨ଟି ପିଜି ସିଟ୍ ଥିବା ବେଳେ ଏବେ ୧୫କୁ ବୃଦ୍ଧି ପାଇଛି । ଭୁବନେଶ୍ୱର ସ୍ଥିତ



ପିଜିଆଇଏମ୍‌ଇଆର ଓ କ୍ୟାପିଟାଲ ହସ୍‌ପିଟାଲରେ ୩୬ଟି ପିଜି ସିଟ୍ ଥିବା ବେଳେ ଏବେ ଆଉ ୧୧ଟି ପାଇଛି । ଏଠାରେ ପିଜି ସିଟ୍ ସଂଖ୍ୟା ୪୭କୁ ବୃଦ୍ଧି ପାଇଛି । କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ପୂର୍ବରୁ ପିଜି ସିଟ୍ ନଥିବା ବେଳେ ଏଥର ୨୮ଟି ସିଟି ଦିଆଯାଇଛି । ସେହିପରି ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଆଦୌ ପିଜି ସିଟ୍ ନଥିବା ବେଳେ ୨୨ଟି ସିଟି ପ୍ରଥମ ଥର ପାଇଁ ଦିଆଯାଇଛି ।

କେନ୍ଦୁଝରର ଡିଡି ମେଡିକାଲ କଲେଜ ଓ ହସ୍‌ପିଟାଲ ଏବଂ ଅନୁଗୋଳର ତାଳଚେର ସ୍ଥିତ ପିଏମ୍‌ପି ମେଡିକାଲ କଲେଜ ଓ ହସ୍‌ପିଟାଲକୁ ଯଥାକ୍ରମେ ୪୪ ଓ ୩୨ଟି ପିଜି ସିଟ୍ ଦିଆଯାଇଛି । ଏହି ଦୁଇ ମେଡିକାଲ କଲେଜରେ ମଧ୍ୟ ପୂର୍ବରୁ ପିଜି ପାଠ୍ୟକ୍ରମ ନଥିଲା । କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ଏସ୍‌ଏଲ୍‌ଏସ୍ ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲରେ ପୂର୍ବରୁ ପିଜି ସିଟ୍ ନଥିବା ବେଳେ ଏବେ ୨୭ଟି ଦିଆଯାଇଛି । କଳାହାଣ୍ଡି, ଯାଜପୁର ଓ ପୁରୀରେ ଥିବା ସରକାରୀ ମେଡିକାଲ କଲେଜଗୁଡ଼ିକରେ ପିଜି ସିଟ୍ ନାହିଁ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.... ଔଷଧ ବିଲ୍‌ରେ...

ସୁଯୋଗ ସୃଷ୍ଟି ହେଉଥିବା ନେଇ ଆବେଦନକାରୀମାନେ ଯୁକ୍ତି ରଖିଛନ୍ତି ।


ରୋଗୀଙ୍କ ଅଧିକାର ଓ ହସ୍ପିଟାଲର ଦାୟିତ୍ୱ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ କାରଣ ଚିକିତ୍ସା ଖାଲି ଏକ ବ୍ୟବସାୟିକ କାରବାର ନୁହେଁ; ଏହା ମାନବ ଜୀବନ ସହ ଜଡ଼ିତ ଏକ ଅତ୍ୟନ୍ତ ସମ୍ବେଦନଶୀଳ ସେବା । ତେଣୁ ଔଷଧ ଓ ଚିକିତ୍ସା ସାମଗ୍ରୀର ଦାମ୍ ନିର୍ଦ୍ଧାରଣରେ ସ୍ୱଚ୍ଛତା ରହିବା ଆବଶ୍ୟକ । ରୋଗୀଙ୍କୁ ଔଷଧର ନାମ, ପରିମାଣ, ଏକକ ମୂଲ୍ୟ ଓ ମୋଟ ଖର୍ଚ୍ଚ ସମ୍ପର୍କରେ ସ୍ପଷ୍ଟ ବିବରଣୀ ଦିଆଯିବା ଉଚିତ । ସମାନ ଔଷଧ ବାହାରେ କମ୍ ଦାମ୍‌ରେ ମିଳୁଥିଲେ, ଚିକିତ୍ସାର ସୁରକ୍ଷା ଓ ଗୁଣବତ୍ତାକୁ ଅକ୍ଷୁଣ୍ଣ ରଖି ରୋଗୀଙ୍କୁ ବିକଳ୍ପ କିଣାକିଣିର ସୁଯୋଗ ଦେବା ଉଚିତ ବୋଲି ଏହି ବିବାଦରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ, ଘରୋଇ ହସ୍ପିଟାଲ ପକ୍ଷରୁ ଯୁକ୍ତି ଦିଆଯାଇଛି ଯେ ଅପରେସନ ଥିଏଟର, ଆଧୁନିକ ଚିକିତ୍ସା ଯନ୍ତ୍ରପାତି, ଜରୁରୀକାଳୀନ ସେବା ଓ ଦକ୍ଷ କର୍ମଚାରୀଙ୍କ ରକ୍ଷଣାବେକ୍ଷଣ ପାଇଁ ବହୁତ ଖର୍ଚ୍ଚ ହୁଏ । ଔଷଧ ଉପରେ ଲାଭର ସୀମା ଅତ୍ୟଧିକ କମାଇଦେଲେ ଅନ୍ୟ ସେବାର ଦର ବଢ଼ିପାରେ ବୋଲି ମଧ୍ୟ ହସ୍ପିଟାଲ ପକ୍ଷରୁ ଯୁକ୍ତି ରଖାଯାଇଛି । କିନ୍ତୁ ଏହି ଯୁକ୍ତି ରୋଗୀଙ୍କଠାରୁ ଅଯୌକ୍ତିକ ମୂଲ୍ୟ ଆଦାୟକୁ ଯଥାର୍ଥ ସାବ୍ୟସ୍ତ କରିପାରିବ ନାହିଁ । ଯୁକ୍ତିସଙ୍ଗତ ଲାଭ ଓ ରୋଗୀଙ୍କ ଶୋଷଣ ମଧ୍ୟରେ ଏକ ସ୍ପଷ୍ଟ ସୀମା ରହିବା ଆବଶ୍ୟକ, ନହେଲେ ଏହା ସାଧାରଣ ଲୋକଙ୍କ ଉପରେ ଅଧିକ ଆର୍ଥିକ ବୋଝ ଲଦିଦେବ । ଭାରତର ଅନେକ ପରିବାର ପାଇଁ ଗୁରୁତର ରୋଗର ଚିକିତ୍ସା ଏକ ବଡ଼ ଆର୍ଥିକ ଆହ୍ୱାନ । ବିଶେଷକରି କର୍କଟ, ହୃଦ୍‌ରୋଗ, କିଡ୍‌ନି ରୋଗ ଓ ଦୀର୍ଘକାଳୀନ ରୋଗରେ ଚିକିତ୍ସା ଖର୍ଚ୍ଚ ବହୁତ ଅଧିକ ହୋଇଥାଏ । ହସ୍ପିଟାଲ ବେଡ୍ ଚାର୍ଜ, ଡାକ୍ତରଙ୍କ ଫି', ପରୀକ୍ଷା, ଅପରେସନ, ଔଷଧ ଓ ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀର ଖର୍ଚ୍ଚ ମିଶି ବିଲ୍ ?ର ପରିମାଣ ବଢ଼ିଯାଏ । ଏପରି ସ୍ଥିତିରେ ଔଷଧର ଅତ୍ୟଧିକ ଦାମ୍ ରୋଗୀଙ୍କ ପରିବାରକୁ ଋଣ କରିବାକୁ କିମ୍ବା ସଞ୍ଚିତ ଅର୍ଥ ଖର୍ଚ୍ଚ କରିବାକୁ ବାଧ କରିପାରେ । ଯଦି ଔଷଧର ଦାମ୍ ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣ, ବିଲ୍‌ର ସ୍ୱଚ୍ଛତା ଓ ଅଭିଯୋଗର ତ୍ୱରିତ ସମାଧାନ ବ୍ୟବସ୍ଥା ଗଢ଼ାଯାଇପାରେ, ତେବେ ଚିକିତ୍ସା ଖର୍ଚ୍ଚର ଅନାବଶ୍ୟକ ବୃଦ୍ଧିକୁ ରୋକାଯାଇପାରିବ । ସୁପ୍ରିମକୋର୍ଟଙ୍କ ଏହି ହସ୍ତକ୍ଷେପ ପରେ ଆଗକୁ ଔଷଧ ମୂଲ୍ୟ ନିୟନ୍ତ୍ରଣ, ଘରୋଇ ହସ୍ପିଟାଲର ବିଲିଂ ବ୍ୟବସ୍ଥା ଓ ରୋଗୀଙ୍କ ଅଧିକାର ସମ୍ପର୍କରେ ନୂଆ ନିୟମ ଆସିବା ନେଇ ଆଶା ସୃଷ୍ଟି ହୋଇଛି । ଔଷଧର ଯୋଗାଣ ମୂଲ୍ୟ ଓ MRP ମଧ୍ୟରେ ପାର୍ଥକ୍ୟକୁ ଅଧିକ ସ୍ୱଚ୍ଛ କରିବା, ଔଷଧ ଉପରେ ଅଯୌକ୍ତିକ ଲାଭକୁ ରୋକିବା, ରୋଗୀଙ୍କୁ ବିଲ୍‌ର ସମ୍ପୂର୍ଣ୍ଣ ବିବରଣୀ ଦେବା ଏବଂ ହସ୍ପିଟାଲ ଫାର୍ମାସିରେ ମୂଲ୍ୟ ଆଦାୟର ନିୟମିତ ଯାଞ୍ଚ କରିବା ଦିଗରେ ସରକାର ଓ ସମ୍ପୃକ୍ତ କର୍ତ୍ତୃପକ୍ଷ ପଦକ୍ଷେପ ନେବା ଆବଶ୍ୟକ । ରୋଗୀଙ୍କ ଜୀବନ ରକ୍ଷା କରିବା ହେଉଛି ଚିକିତ୍ସା ବ୍ୟବସ୍ଥାର ମୂଳ ଲକ୍ଷ୍ୟ । ଔଷଧର ଦାମ୍ ଏପରି ହେବା ଉଚିତ ନୁହେଁ ଯେ ରୋଗ ସହ ଲଢ଼ିବାକୁ ଯାଇ ରୋଗୀଙ୍କ ପରିବାର ଆର୍ଥିକ ଦୁର୍ଦ୍ଦଶାର ଶିକାର ହେବେ । ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଏହି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ସତର୍କବାଣୀ । ଏବେ ଦେଖିବାର କଥା, ରୋଗୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସରକାର ଓ ସମ୍ପୃକ୍ତ ନିୟନ୍ତ୍ରକ ସଂସ୍ଥା କେତେ ଶୀଘ୍ର ଓ କେତେ ପ୍ରଭାବଶାଳୀ ପଦକ୍ଷେପ ନେଉଛନ୍ତି ।

ସଂ ପା ଦ କୀ ୟ

ଥ୍ରି-ବି.ଏଚ୍.କେ

ଓଡ଼ିଆ ଆଲେଖ୍ୟରେ ଇଂରାଜୀ ଶୀର୍ଷକ ପଢ଼ିବାକୁ ଅଖାଡୁଆ ଲାଗୁଥାଇପାରେ, କିନ୍ତୁ ଏହି ଶୀର୍ଷକରେ ଲେଖାଥିବା ଇଂରାଜୀ ଶବ୍ଦଟି ସହିତ ପ୍ରାୟ ସମସ୍ତେ ପରିଚିତ। କେବଳ ପରିଚିତ ନୁହେଁ, ସମସ୍ତଙ୍କର ଏହା ପ୍ରତି ଆହେତୁକ ଆଗ୍ରହ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଲେଖିବାର ଦ୍ୱିତୀୟ ଓ ମୁଖ୍ୟ କାରଣଟି ହେଲା, ଇଂରାଜୀ ସଂକ୍ଷିପ୍ତ ରୂପ (ସର୍ଟ ଫର୍ମ)ରେ ଲେଖାଥିବା ଏହି ଶବ୍ଦଟିର ସମ୍ପୂର୍ଣ୍ଣ ରୂପ ହେଲା ଥ୍ରି ବେଡ୍‌ରୁମ୍, ହଲ୍ ଓ କିଚେନ୍ (3BHK)। ଏହା କହିବା, ଶୁଣିବା ଓ ବୁଝିବା ପାଇଁ ସମସ୍ତଙ୍କ ନିମନ୍ତେ ସହଜ। କିନ୍ତୁ ଆମେ ଯଦି ତାକୁ ଓଡ଼ିଆ ସଂକ୍ଷିପ୍ତ ରୂପରେ କହିବା, ତେବେ ଏମିତି ହେବ ୩ ଶବେରୋ (ତିନି ଶୟନକକ୍ଷ, ବୈଠକଖାନା ଓ ରୋଷେଇଘର)। ଅତଏବ, ୩ ଶବେରୋ କହିବାଠାରୁ 3BHK କହିବା ସହଜ। ସେଥିପାଇଁ ହୁଏତ ସମସ୍ତେ ଏହି ଶବ୍ଦଟି ସହ ପରିଚିତ। ଆଜି ଏହା ବିଷୟରେ ଲେଖିବାର ଉଦ୍ଦେଶ୍ୟ କିନ୍ତୁ ସମ୍ପୂର୍ଣ୍ଣ ଅଲଗା। ଗତକାଲି ଦାମୀ ସହିତ ନାମୀ ଆପାର୍ଟମେଣ୍ଟରେ ରହୁଥିବା ଜଣେ ବନ୍ଧୁଙ୍କ ଘରକୁ ବୁଲିବାକୁ ଯାଇଥିଲି। ବନ୍ଧୁଙ୍କର ତାହା ଏକ ଥ୍ରି ବିଏଚ୍‌କେ ଗୃହ ଥିଲା। ଘରେ କେବଳ ସ୍ୱାମୀ, ସ୍ତ୍ରୀ ଓ ସ୍କୁଲରେ ପଢୁଥିବା ଝିଅ। ଚା, ଜଳଖିଆ ଖାଇସାରିବା ପରେ ବନ୍ଧୁ ମୋତେ ଘର ଦେଖିବାକୁ ଡାକିଲେ, ଯେହେତୁ ମୁଁ ପ୍ରଥମ ଥର ତାଙ୍କ ଘରକୁ ଯାଇଥିଲି। ବଡ଼ ବଡ଼ କୋଠରୀ ସହିତ ଘରର ସାଜସଜ୍ଜା ଚମତ୍କାର ଢଙ୍ଗରେ ହୋଇଥାଏ। କୋଠରୀ ଭିତରେ ପଡ଼ିଥିବା ବଡ଼ ବଡ଼ ପଲଙ୍କ ଓ ଅଧା ଜଳୁଥିବା ଦିକ୍ ଦିକ୍ ଆଲୋକ ସବୁ ଘରର ଶୋଭାକୁ ଦ୍ୱିଗୁଣିତ କରୁଥାଏ। ଏକରକମ ଘରଟି ମୋତେ ସ୍ୱର୍ଗପୁର ଭଳି ଲାଗିଲା। ବନ୍ଧୁଙ୍କ ପତ୍ନୀ ଓ ଝିଅ ଅଲଗା ଅଲଗା କୋଠରୀ ଭିତରେ ବସି ନିଜ ନିଜ କାମରେ ବ୍ୟସ୍ତ ଥାଆନ୍ତି। ଘର ବୁଲିସାରିବା ପରେ ଦ୍ୱିତୀୟ ଥର କଫି ଟିକେ ପିଇବାକୁ ବନ୍ଧୁ ଅନୁରୋଧ କଲେ। ମୁଁ ମନା କରିବାରୁ ବନ୍ଧୁ ବାଧ କରି କହିଲେ, "ଏଥର କଫିଟି ପରା ମୁଁ କରିବି, ତୁମେ ପିଇବାକୁ ବାଧ।" ବନ୍ଧୁଙ୍କ ହାତ ତିଆରି କଫି ପିଉ ପିଉ କଥାବାର୍ତ୍ତା ଭିତରେ ଜାଣିଲି ଯେ ବନ୍ଧୁଙ୍କର ବାପାମାଆ ଉଭୟ ଗାଁରେ ରୁହନ୍ତି। ଅନ୍ୟ ଦୁଇ ଭାଇ ଏହି ଭୁବନେଶ୍ୱରରେ ଅଲଗା ଅଲଗା ଜାଗାରେ ରହୁଥିଲେ ମଧ୍ୟ ଏହି ଘରକୁ କେହି ବି କେବେ ଆସି ରାତ୍ରିଯାପନ କରିନାହାନ୍ତି। ବାପାମାଆ ହୁଅନ୍ତୁ କି ଭାଇଭଉଣୀ, କୌଣସି କାମ ଥିବା ବେଳେ ଆସି ସଙ୍ଗେ ସଙ୍ଗେ ଚାଲିଯାଇଥାନ୍ତି। ସବୁ ଶୁଣିବା ଭିତରେ ମୁଁ ମୋ 2BHK ଘର ଓ ଗହଳି ପରିବାର କଥା ଭାବି ଚାଲିଥାଏ। ଘରର ଛୋଟିଆ ଉତ୍ସବ ହେଉ କି କୌଣସି ସ୍ୱାସ୍ଥ୍ୟଗତ ସମସ୍ୟାର ଚିକିତ୍ସା ସମୟରେ, ଆମ ଦୁଇ ବଖରା ଘରେ ବେଳେବେଳେ ୧୨ରୁ ୧୫ ଜଣ ଆସି ରାତ୍ରିଯାପନ କରିଥାନ୍ତି। ତା'ଠାରୁ ଅଧିକ ହେଲେ ଘର ବାହାରେ ଥିବା ଚାୟରରେ ବି କେହି କେହି ଶୋଇଯାଇଥାନ୍ତି। ମନର ଭାବନାକୁ ପ୍ରକାଶ ନକରି ମୁଁ ବନ୍ଧୁଙ୍କୁ ପ୍ରଶ୍ନ କରିଥିଲି, "ଲୋକ ତ ନାହାନ୍ତି, 3BHK କ'ଣ ପାଇଁ ? ଆଉ ଏହି ସବୁ ତିନୋଟି ବିଶାଳ କୋଠରୀ ଘରେ ତିନୋଟି ବଡ଼ ବଡ଼ ପଲଙ୍କ କ'ଣ ପାଇଁ?" ମୋ ପ୍ରଶ୍ନରେ ବନ୍ଧୁ ଟିକେ ଗମ୍ଭୀର ଦିଶିଲେ ଓ ନିଜକୁ ହାଲୁକା କରି 3BHKର ଫୁଲ୍ ଫର୍ମ ମୋତେ ବୁଝାଇବାକୁ ଯାଇ କହିଲେ, "ଆମେ ଘରେ ତିନିଜଣ। ମୋ ନାମର ପ୍ରଥମ ଅକ୍ଷର B, ପତ୍ନୀଙ୍କ ନାମର ପ୍ରଥମ ଅକ୍ଷର H ଆଉ ଝିଅର ନାମର ପ୍ରଥମ ଅକ୍ଷର Kରୁ ଆରମ୍ଭ। ତେଣୁ ମୋ ପାଇଁ 3BHKର ମାନେ ହେଲା ଏଇଆ।" ମୋର ଦ୍ୱିତୀୟ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ କହିଥିଲେ ଯେ ଏହି ତିନୋଟି ବିଶାଳ ବେଡ୍‌ରୁମ୍ ଯାହା ଦେଖୁଛ, ତାହା ଆମ ତିନି ସଦସ୍ୟଙ୍କ ଶୋଇବା ଘର। ଉତ୍ତରଟି ଶୁଣି ମୋ ମନରେ ପୁଣି ପ୍ରଶ୍ନ ଆସିଲା, ଛୁଆଟି ତ ପଞ୍ଚମ ଶ୍ରେଣୀରେ ପଢୁଛି। ବାପା, ମାଆ ଓ ଝିଅ ଗୋଟିଏ ଘରେ ବିଶାଳ ପଲଙ୍କରେ ଶୋଇପାରୁନାହାନ୍ତି ନା କ'ଣ ? ମୋ ମନର ପ୍ରଶ୍ନ ବୋଧହୁଏ ବନ୍ଧୁ ବୁଝିଯାଇ କହିଥିଲେ, "ଆମେ ତିନିହେଁ ଅଲଗା ଶୋଇବାକୁ ପଡ଼ିଥାଏ। ମୋର ଅଫିସିଆଲ୍ କାମ ପ୍ରାୟ ରାତି ୧୧ଟା ପର୍ଯ୍ୟନ୍ତ ଚାଲୁଥିବା ବେଳେ ପତ୍ନୀଙ୍କର ଫୋନ୍ ବାର୍ତ୍ତାଳାପ ସହିତ ୟୁଟ୍ୟୁବ୍, ଫେସ୍‌ବୁକ୍ ଇତ୍ୟାଦି ଦେଖାଶୁଣା ରାତି ୨ଟା ପର୍ଯ୍ୟନ୍ତ ଚାଲେ। ଝିଅର ମୋବାଇଲ୍ ଓ କମ୍ପ୍ୟୁଟର କାମ କେତେବେଳେ ସରେ, ତା'ର କିଛି ଠିକ୍ ନାହିଁ। କେତେବେଳେ ୩ଟା ତ ଆଉ କେତେବେଳେ ୪ଟା। ସେହିଭଳି ମୁଁ ଭୋର ୫ଟାରୁ ଉଠି ନିତ୍ୟକର୍ମ ସାରି ଅଫିସ୍ ଯିବା ପାଇଁ ପ୍ରସ୍ତୁତ ହୋଇ, ନିଜ ଚା ନିଜେ କରି ପିଇବା ପରେ ରେଳଷ୍ଟେସନ୍ ଅଭିମୁଖେ ବାହାରିଯାଏ। ତା'ପରେ ପାଖ କକ୍ଷରେ ଶୋଇଥିବା ପତ୍ନୀଙ୍କୁ ଫୋନ୍ କରି ଘର କବାଟ ବନ୍ଦ କରିବାକୁ ଡାକିନିଏ। କବାଟ ବାଡ଼େଇ ଡାକିଲେ ଝିଅର ନିଦ ଭାଙ୍ଗିଯିବାର ସମ୍ଭାବନା ଥାଏ। ପତ୍ନୀ କୁହନ୍ତି, କାମବାଲୀ ୮ଟାରେ ଆସି କଲିଂ ବେଲ୍ ମାରିଲେ ସେ ଉଠନ୍ତି ଓ ଝିଅର ହାଲୁକା ନିଦ ଭାଙ୍ଗିଥାଏ। କାମବାଲୀ ଆସି ଚା ତିଆରି କରି ଝିଅକୁ ଦେବା ପରେ ଝିଅ ୯ଟା ବେଳେ ଉଠିଥାଏ। ତେଣୁ ଶୋଇବା ସମୟ ଓ ଉଠିବା ସମୟ ଆମ ତିନିଜଣଙ୍କର ଅଲଗା ଅଲଗା। ତେଣୁ କେହି କାହାକୁ ହଇରାଣ ନକରିବା ପାଇଁ ଆମର ଏହି 3BHK।"

ଉତ୍ତର ସିନା ମୋତେ ମିଳିଗଲା, କିନ୍ତୁ ହୃଦୟ ଭିତରଟା କାହିଁକି କୋରି ହୋଇଗଲା। ବଡ଼ ଆପାର୍ଟମେଣ୍ଟ, ବଡ଼ ଘର, ବଡ଼ ଖଟ, ବଡ଼ ପଇସା, ବଡ଼ ବଡ଼ ଦାମୀ ଆସବାବପତ୍ର। ସବୁ ବଡ଼ ଭିତରେ ପରିବାରଟା କାହିଁକି ବହୁତ ଛୋଟ ଲାଗିଲା। ବଡ଼ ପରିବାରରେ ମନ ଓ ହୃଦୟ ସବୁ ଯେମିତି ଛୋଟ ହୋଇଯାଇଛି। ବାପା, ଭାଇ, ଭାଇବୋହୂ, ଭଉଣୀ, ପୁଅଝିଅ, ଝିଆରୀ, ଭଣଜା, ଭାଣିଜୀ, ଭିଣୋଇ ସମସ୍ତେ ଥାଇ ବି ନଥିବା ଭଳି। ଘର ଭିତରେ ସ୍ୱାମୀ, ସ୍ତ୍ରୀ ଓ ଝିଅ କେବଳ ରହୁଥିଲେ ମଧ୍ୟ ସଭିଏଁ ଅଲଗା। ନାହିଁ ସ୍ନେହ, ପ୍ରେମ, ବନ୍ଧନ ଓ ଭଲପାଇବା। ବଢ଼ିଛି ବ୍ୟାଙ୍କ ବାଲାନ୍ସ, କମିଛି ହୃଦୟରୁ ଭଲପାଇବା। ଏହା କେବଳ ମୋର ଅନୁଭୂତି ନୁହେଁ, ଏହା ଆଜିକାର ସମାଜର ଆଭିମୁଖ୍ୟ ପାଲଟିଯାଇଛି। ମଣିଷ ଆଉ ମଣିଷ ହୋଇ ନାହିଁ, ପାଲଟିଯାଇଛି ଯେମିତି ଏକ ଯନ୍ତ୍ର ବା ରୋବୋଟ୍। ବିଚାର ଆପଣଙ୍କର। ବିଶାଳ 3BHK ଘରେ ଅଲଗା ଅଲଗା ରହିବେ ନା 2BHK ଘରେ ଖୁନ୍ଦାଖୁନ୍ଦି ହୋଇ ରାତି ୧୨ଟା ପର୍ଯ୍ୟନ୍ତ ଗୁଲିଖଟି କରି ଶୋଇବେ ? ସେତେବେଳେ ପରିବାର ସଦସ୍ୟଙ୍କ ସଂଖ୍ୟା ଦେଖି ଲୋକେ ଘର କରୁଥିବା ବେଳେ ଆଜିକାଲି ଲୋକେ ଅନ୍ୟକୁ ଦେଖାଇବା ବା ନିଜ ବଡ଼ିମା ପାଇଁ ବଡ଼ ବଡ଼ ଘର କିଣୁଛନ୍ତି। ଏତେ ଏତେ ବଡ଼ ଘର ଯେ, ବାପାମାଆ ରହୁଥିବା ଗାଁର ସେହି ଘର ସପ୍ତାହରେ ଥରେ ବିଧିରକ୍ଷା କରିବା ପାଇଁ ଝାଡୁ କରାଯାଉଛି। ଜଣେ ବନ୍ଧୁ ସର୍ବଦା କୁହନ୍ତି, "ଯେତିକି ଦରକାର, ସେତିକି ଘର କର। ଅଯଥା ଗୁଡ଼ିଏ ଘର କରନି, ଯେମିତି ସେ ଘରେ ରହିବା ପାଇଁ ଲୋକ ନଥିବେ, ଏସି ଲାଗିଥିବା ଘରେ ଚାବି ପଡ଼ିବ ଓ ସପ୍ତାହରେ ଥରେ ଝାଡୁ ହେବ।" ଆଜି ସେହି କଥା ସତ ପ୍ରମାଣିତ ହୋଇଛି। ପରାମର୍ଶ ଦେଇଥିବା ବନ୍ଧୁଙ୍କ ଗାଁ ଘରର ଅବସ୍ଥା ଆଜି ସମାନ। ସମସ୍ତ ଚାରି ଭାଇ ଦେଶ ବାହାରେ। ଅବସରପ୍ରାପ୍ତ ବାପାମାଆଙ୍କୁ ଧରି ଘରର ତଳମହଲାରେ ରୋଷେଇଆ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଖାଇ ରହୁଥିବା ବେଳେ ଆଣ୍ଠୁ ସମସ୍ୟା ପାଇଁ ଫାଙ୍କା ପଡ଼ିଥିବା ଉପର ମହଲାକୁ ଆଉ ଯାଇପାରୁନାହାନ୍ତି। ସପ୍ତାହରେ ଥରେ ଘର ଝାଡୁ ହେଉଛି। ସବୁ ପୁଅଙ୍କ ପାଇଁ ଉଦ୍ଦିଷ୍ଟ ରୁମ୍ ସେମାନେ ପର୍ବପର୍ବାଣିରେ କେବେ ଆସିବା ପୂର୍ବରୁ ସଫାସଫି କରାଯାଇଥାଏ। ଆଜିକାଲି ଏତେ ହଇରାଣ ନ ହେବା ପାଇଁ ସଫାସୁତୁରା କରି ପୁରୁଣା ଘରେ ରହିବା ଅପେକ୍ଷା ପିଲାମାନେ ଆସି ହୋଟେଲ୍‌ରେ ରହିଯାଉଛନ୍ତି। ଘରକୁ କେବଳ ଟିକେ ବୁଲିବାକୁ ଆସୁଛନ୍ତି। ତେଣୁ ବଡ ଘରେ ଛୋଟ ହୃଦୟ ନେଇ ବଞ୍ଚିବେ ନା ଛୋଟ ଘରେ ବଡ ହୃଦୟ ନେଇ ବଞ୍ଚିବେ ଏ ନିଷ୍ପତି ଆପଣଙ୍କ ଉପରେ ଛାଡିଦେଉଛି।



ରାଜଧାନୀର ବାୟୁ ଏବେ କେବଳ ଖରାପ ନୁହେଁ, ବିଷାକ୍ତ



ସମୀର ରଞ୍ଜନ ନାୟକ

ଗତ ନଭେମ୍ବର ୪, ବୁଧବାର। ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (AQI) ୪୫୭ ଥିଲା, ଯାହାକୁ ଅତ୍ୟନ୍ତ ବିପଜ୍ଜନକ ଶ୍ରେଣୀରେ ରଖାଯାଏ। କେତେକ ସ୍ଥାନରେ ପିଏମ୍୨.୫ (PM2.5)ର ସ୍ତର ଘନମିଟର ପିଛା ୪୬୧ ମାଇକ୍ରୋଗ୍ରାମ୍ ଅତିକ୍ରମ କରିଛି, ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO)ର ଦୈନିକ ସୁରକ୍ଷିତ ସୀମାଠାରୁ ୩୦ ଗୁଣରୁ ଅଧିକ। ଏହା ହଠାତ୍ ହୋଇନାହିଁ। ଅକ୍ଟୋବର ୩୦ରେ ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ ଥିଲା ୬୦। ଅନେକ ବର୍ଷ ପରେ ଏହା ଥିଲା ଅକ୍ଟୋବରର ସବୁଠାରୁ ସ୍ୱଚ୍ଛ ଦିନମାନଙ୍କ ମଧ୍ୟରୁ ଗୋଟିଏ। କିନ୍ତୁ ଅକ୍ଟୋବର ୩୧ରେ ଏହା ୧୧୭, ନଭେମ୍ବର ୧ରେ ୨୬୧, ନଭେମ୍ବର ୨ରେ ୩୨୪ ଏବଂ ଏବେ ୪୫୭ରେ ପହଞ୍ଚିଛି। ମାତ୍ର ଚାରି ଦିନରେ ବାୟୁ ସ୍ୱଚ୍ଛରୁ ବିଷାକ୍ତ ହୋଇଗଲା। ତେବେ ପ୍ରଶ୍ନ ହେଉଛି, ପ୍ରତିବର୍ଷ ଏପରି କାହିଁକି ହୁଏ ? ଦିଲ୍ଲୀର ବାୟୁ ପ୍ରଦୂଷଣର ଗୋଟିଏ ମାତ୍ର କାରଣ ନାହିଁ। ଏହା ଅନେକ କାରଣର ମିଶ୍ରଣ।

ଦିଲ୍ଲୀର ଶୀତକାଳୀନ ପ୍ରଦୂଷଣରେ ଯାନବାହନର ଅବଦାନ ପ୍ରାୟ ୨୩ ପ୍ରତିଶତ। କେତେକ ରିପୋର୍ଟରେ ଏହା ୪୦ ପ୍ରତିଶତ ପର୍ଯ୍ୟନ୍ତ ବୋଲି କୁହାଯାଇଛି। ପ୍ରତିଦିନ ପ୍ରାୟ ୧୧ ଲକ୍ଷ ଗାଡ଼ି ଦିଲ୍ଲୀ ଭିତରକୁ ଆସେ ଏବଂ ବାହାରକୁ ଯାଏ। ପଞ୍ଜାବ ଓ ହରିୟାଣାରେ ଧାନ ଅମଳ ପରେ ଚାଷୀମାନେ ନଡ଼ା ଜାଳିଥାଆନ୍ତି। ଶୀତଦିନର ପ୍ରଦୂଷଣରେ ଏହାର ଅବଦାନ ପ୍ରାୟ ୨୦ ପ୍ରତିଶତ ବୋଲି କୁହାଯାଏ। ଏଥର ଭାରତରେ ନଡ଼ା ଜାଳିବା ଘଟଣା କମ୍ ଥିବା କୁହାଯାଉଛି। କିନ୍ତୁ ପାକିସ୍ତାନର ପଞ୍ଜାବ ଅଞ୍ଚଳରେ ଅକ୍ଟୋବର ୧ରୁ ୨୯ ମଧ୍ୟରେ ୧୩,୨୪୧ଟି ଅଗ୍ନିକାଣ୍ଡ ଚିହ୍ନଟ ହୋଇଥିବାବେଳେ ଭାରତୀୟ ପଞ୍ଜାବରେ ଏହି ସଂଖ୍ୟା ୩,୧୫୮ ଥିଲା। ଅର୍ଥାତ୍ ପାକିସ୍ତାନର ପଞ୍ଜାବରେ ଏହା ପ୍ରାୟ ଚାରି ଗୁଣ ଅଧିକ। ସବୁଠାରୁ ବଡ଼ ଅବଦାନ, ପ୍ରାୟ ୨୭ ପ୍ରତିଶତ, ଦ୍ୱିତୀୟକ କଣିକାରୁ ଆସିଥାଏ। ଯାନବାହନ, କାରଖାନା ଓ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ବାହାରୁଥିବା ଗ୍ୟାସ୍ ବାୟୁମଣ୍ଡଳରେ ମିଶି ନୂଆ ବିଷାକ୍ତ କଣିକା ସୃଷ୍ଟି କରେ। ଦିଲ୍ଲୀର ୩୦୦ କିଲୋମିଟର ମଧ୍ୟରେ ୧୨ଟି କୋଇଲାଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ରହିଛି। ଏଥିରୁ ନିର୍ଗତ ସଲଫର୍ ଡାଇଅକ୍ସାଇଡ୍ ଓ ନାଇଟ୍ରୋଜେନ୍ ଅକ୍ସାଇଡ୍ ଭଳି ଗ୍ୟାସ୍ ମାନବ ସ୍ୱାସ୍ଥ୍ୟ ପାଇଁ ଗୁରୁତର ବିପଦ ସୃଷ୍ଟି କରେ। ଶୀତଦିନେ ତାପମାତ୍ରା କମିଯାଏ, ପବନର ବେଗ ହ୍ରାସ ପାଏ ଏବଂ ତାପମାତ୍ରାର ବିପରୀତ ସ୍ତରୀକରଣ (Temperature Inversion) ସୃଷ୍ଟି ହୁଏ। ଅର୍ଥାତ୍, ଉପରେ ଉଷ୍ମ ବାୟୁର ଏକ ଆବରଣ ସୃଷ୍ଟି ହୋଇ ପ୍ରଦୂଷିତ ବାୟୁକୁ ତଳେ ଅଟକାଇ ରଖେ। ଦିଲ୍ଲୀ ଯେପରି ଏକ ବନ୍ଦ ବାକ୍ସରେ ପରିଣତ ହୋଇଯାଏ।

ପିଏମ୍୨.୫ ଏତେ ସୂକ୍ଷ୍ମ ଯେ ଏହା ଫୁସ୍‌ଫୁସ୍‌ର ଗଭୀର ଅଂଶରେ ପହଞ୍ଚି ରକ୍ତପ୍ରବାହରେ ମିଶିପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ସମ୍ପୃକ୍ତ ବୈଜ୍ଞାନିକ ପ୍ରମାଣ ଅନୁସାରେ, ବାୟୁ ପ୍ରଦୂଷଣର ଅନେକ ଉପାଦାନ କର୍କଟ ରୋଗ ସୃଷ୍ଟିର କାରଣ ହୋଇପାରେ। 'ଦି ଲାନ୍‌ସେଟ୍' (The Lancet)ରେ ପ୍ରକାଶିତ ଗବେଷଣା ଅନୁସାରେ, ୨୦୦୯ରୁ ୨୦୧୯ ମଧ୍ୟରେ ଭାରତରେ ବାୟୁ ପ୍ରଦୂଷଣ ସହ ଜଡ଼ିତ ପ୍ରାୟ ୩୮ ଲକ୍ଷ ମୃତ୍ୟୁ ଘଟିଥିଲା। ଦିଲ୍ଲୀରେ ପ୍ରତିବର୍ଷ ବାୟୁ ପ୍ରଦୂଷଣ ଯୋଗୁଁ ପ୍ରାୟ ୧୨ ହଜାର ମୃତ୍ୟୁ ହେଉଥିବା ଆକଳନ କରାଯାଇଛି। ଏହା ମୋଟ ମୃତ୍ୟୁର ପ୍ରାୟ ୧୧.୫ ପ୍ରତିଶତ। ଭାରତରେ ପିଏମ୍୨.୫ର ବାର୍ଷିକ ହାରାହାରି ମାନକ ସୀମା ଘନମିଟର ପିଛା ୪୦ ମାଇକ୍ରୋଗ୍ରାମ୍ ଥିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶିତ ସୀମା ମାତ୍ର ୫ ମାଇକ୍ରୋଗ୍ରାମ୍। ଦିଲ୍ଲୀର ବାର୍ଷିକ ହାରାହାରି ସ୍ତର ୯୬.୪ ବୋଲି ଉଲ୍ଲେଖ କରାଯାଇଛି। ଅର୍ଥାତ୍ ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିର୍ଦ୍ଦେଶିତ ସୀମାଠାରୁ ପ୍ରାୟ ୧୯ ଗୁଣ ଅଧିକ। ଏହା କେବଳ ବୟସ୍କଙ୍କ ସମସ୍ୟା ନୁହେଁ। ଗର୍ଭବତୀ ମହିଳାଙ୍କଠାରେ ଗର୍ଭପାତର ଆଶଙ୍କା, ଶିଶୁଙ୍କଠାରେ ଆଜ୍‌ମା, ହୃଦ୍‌ରୋଗ, ମସ୍ତିଷ୍କଘାତ ଓ ବୃକ୍‌କଜନିତ ସମସ୍ୟା ଆଦି ସହ ବାୟୁ ପ୍ରଦୂଷଣର ସମ୍ପର୍କ ରହିଛି। ଅନ୍ୟପକ୍ଷରେ, ସଂସଦରେ ସରକାର କହୁଛନ୍ତି, "ବାୟୁ ପ୍ରଦୂଷଣ ଯୋଗୁଁ ମୃତ୍ୟୁ ହେଉଛି ବୋଲି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ।" ବିଜ୍ଞାନ ଗୋଟିଏ କଥା କହୁଛି, ସରକାର ଆଉ ଗୋଟିଏ କଥା କହୁଛନ୍ତି । ଏହା ହିଁ ସବୁଠାରୁ ବଡ଼ ପ୍ରଦୂଷଣ, ସତ୍ୟକୁ ଅଣଦେଖା କରିବାର ପ୍ରଦୂଷଣ। ସରକାରଙ୍କ ପାଖରେ ରହିଛି ଜିଆର୍‌ଏପି (GRAP), ଅର୍ଥାତ୍ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପର୍ଯ୍ୟାୟକ୍ରମିକ କାର୍ଯ୍ୟଯୋଜନା। ଏଥିରେ ଚାରିଟି ସ୍ତର ରହିଛି।

- ପ୍ରଥମ ସ୍ତର: ଧୂଳି ନିୟନ୍ତ୍ରଣ ଏବଂ ଖୋଲା ସ୍ଥାନରେ ଅଳିଆ ଜାଳିବା ଉପରେ ନିଷେଧ।
- ଦ୍ୱିତୀୟ ସ୍ତର: ପାର୍କିଂ ଶୁଳ୍କ ବୃଦ୍ଧି, ଡିଜେଲ୍ ଜେନେରେଟର ଉପରେ କଟକଣା ଏବଂ ରାସ୍ତା ସଫା କରିବା।
- ତୃତୀୟ ସ୍ତର: ନିର୍ମାଣ କାର୍ଯ୍ୟ ବନ୍ଦ ଏବଂ ପୁରୁଣା ଯାନବାହନ ଚଳାଚଳ ଉପରେ କଟକଣା।
- ଚତୁର୍ଥ ସ୍ତର: ଟ୍ରକ୍ ପ୍ରବେଶ ଉପରେ ନିଷେଧ, ବିଦ୍ୟାଳୟ ବନ୍ଦ ଏବଂ ଘରୁ କାମ କରିବା ବ୍ୟବସ୍ଥା।

ଏବେ ଦ୍ୱିତୀୟ ସ୍ତରର ପଦକ୍ଷେପ ଚାଲିଥିବା କୁହାଯାଉଛି। କିନ୍ତୁ ସତ କଥା ହେଉଛି, ଜିଆର୍‌ଏପି ଏକ ଜରୁରୀକାଳୀନ ବ୍ୟାଣ୍ଡେଜ୍ ଭଳି। କ୍ଷତ ସୃଷ୍ଟି ହେବା ପରେ ବ୍ୟାଣ୍ଡେଜ୍ ଲଗାଇବା ପରି। ଏହା ରୋଗର ମୂଳ କାରଣକୁ ଦୂର କରେ ନାହିଁ, କେବଳ ସାମୟିକ ଭାବେ ପରିସ୍ଥିତିକୁ ସମ୍ଭାଳିଥାଏ। ଦିଲ୍ଲୀର ବାୟୁ ପ୍ରଦୂଷଣ କେବଳ ଦିଲ୍ଲୀର ସମସ୍ୟା ନୁହେଁ। ଏହା ସମଗ୍ର ଉତ୍ତର ଭାରତର ବାୟୁମଣ୍ଡଳୀୟ ପ୍ରଦୂଷଣର ଏକ ଜଟିଳ ସମସ୍ୟା। ଯେପର୍ଯ୍ୟନ୍ତ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଓ ରାଜସ୍ଥାନ ଏକାଠି ହୋଇ କାମ ନକରିବେ, ସେପର୍ଯ୍ୟନ୍ତ ଦିଲ୍ଲୀ ଏକାକୀ ଏହି ସମସ୍ୟାରୁ ମୁକ୍ତି ପାଇପାରିବ ନାହିଁ। ଚାଷୀଙ୍କୁ ଦୋଷ ଦେଇ, ବାଣ ଫୁଟାଉଥିବା ଲୋକଙ୍କୁ ଦୋଷ ଦେଇ କିମ୍ବା କେବଳ ଗାଡ଼ିକୁ ଦୋଷ ଦେଇ ଏହି ସମସ୍ୟାର ସମାଧାନ ହେବ ନାହିଁ। ଏଥିପାଇଁ ନିମ୍ନଲିଖିତ ପଦକ୍ଷେପ ଆବଶ୍ୟକ।

୧. କେବଳ ଶୀତଦିନେ ନୁହେଁ, ବର୍ଷସାରା ଉନ୍ନତ ଓ ସୁବ୍ୟବସ୍ଥିତ ସାଧାରଣ ପରିବହନ ବ୍ୟବସ୍ଥା ଗଢ଼ି ତୋଳିବା।

୨. ଚାଷୀମାନେ ଯେପରି ନଡ଼ା ନ ଜାଳି ଅନ୍ୟ ଉପାୟରେ ଏହାର ଉପଯୋଗ କରିପାରିବେ, ସେଥିପାଇଁ ବିକଳ୍ପ ବ୍ୟବସ୍ଥା ଓ ଆର୍ଥିକ ସହାୟତା ଯୋଗାଇଦେବା। କେବଳ ଜରିମାନା କରିବା ଯଥେଷ୍ଟ ନୁହେଁ।

୩. କୋଇଲାଭିତ୍ତିକ ବିଦ୍ୟୁତ୍ ? ଉତ୍ପାଦନ କେନ୍ଦ୍ରଗୁଡ଼ିକର ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପର୍ଯ୍ୟାୟକ୍ରମେ ସେଗୁଡ଼ିକୁ ବନ୍ଦ କରିବା ପାଇଁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରିବା।

୪. ନିର୍ମାଣ କାର୍ଯ୍ୟରୁ ସୃଷ୍ଟି ହେଉଥିବା ଧୂଳି ଉପରେ ବର୍ଷସାରା କଡ଼ା ନଜର ରଖିବା।

୫. ବାୟୁ ପ୍ରଦୂଷଣର ଉତ୍ସଗୁଡ଼ିକୁ ଚିହ୍ନଟ କରି ବୈଜ୍ଞାନିକ ତଥ୍ୟ ଆଧାରରେ ଦୀର୍ଘମିଆଦୀ ପଦକ୍ଷେପ ଗ୍ରହଣ କରିବା।

ଦିଲ୍ଲୀ ଆଜି ନିଶ୍ୱାସ ନେବା ପାଇଁ ସଂଘର୍ଷ କରୁଛି। କାଲି ଏହା ଆମ ସହରର ସମସ୍ୟା ହୋଇପାରେ। କାରଣ ବାୟୁର କୌଣସି ସୀମା ନାହିଁ, ଆଉ ପ୍ରଦୂଷଣ ମଧ୍ୟ ରାଜ୍ୟର ସୀମା ମାନେ ନାହିଁ। ତେଣୁ ବାୟୁ ପ୍ରଦୂଷଣର ମୁକାବିଲା ପାଇଁ ରାଜନୈତିକ ସ୍ୱାର୍ଥର ଊର୍ଦ୍ଧ୍ୱରେ ଉଠି ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ। କାରଣ ସ୍ୱଚ୍ଛ ବାୟୁ କୌଣସି ବିଳାସ ନୁହେଁ, ଏହା ପ୍ରତ୍ୟେକ ମଣିଷର ମୌଳିକ ଆବଶ୍ୟକତା।

ମୋବାଇଲ : ୭୦୪୨୨୩୧୬୭୮

ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ ।

ମୋବାଇଲ (ହ୍ୱାଟସ୍‌ଆପ୍) : ୯୦୯୦୨୨୫୩୫୩
ଇମେଲ: voiceofvictimsnews@gmail.com

ଗୋପାଳପୁର ଜୋନ୍‌ରେ ରାଜନୈତିକ ଅଙ୍କକଷା

୨୦୨୬ ଜିଲ୍ଲା ପରିଷଦ ନିର୍ବାଚନ ପାଇଁ କାହାର ପଲ୍ଲା ଭାରୀ

ନୟାଗଡ଼ ଜିଲ୍ଲାର ରଣପୁର ବ୍ଲକ୍ ଅନ୍ତର୍ଗତ ୨୩ ନମ୍ବର ଜିଲ୍ଲା ପରିଷଦ ଜୋନ୍, ଯାହା ଗୋପାଳପୁର ଜୋନ୍ ଭାବେ ପରିଚିତ, ଗ୍ରାମୀଣ ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ କ୍ଷେତ୍ର। ଏହି ଜୋନ୍‌ଟି ଗୋପାଳପୁର, ହଂସରା, ଚମ୍ପାପେଡ଼ି, ମହତପଲ୍ଲା, ମଝିଆଖଣ୍ଡ, କାଣ୍ଡପଡ଼ା, ବଳଭଦ୍ରପୁର ଓ ନରସିଂହପୁର ଆଦି ଆଠଟି ପଞ୍ଚାୟତକୁ ନେଇ ଗଠିତ। ୨୦୨୨ ମସିହାରେ ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ଜୋନ୍‌ଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। ଏହି ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ବିଜେପି) ତରଫରୁ ଯୁବନେତା ଇଞ୍ଜିନିୟର ଅଭିଷେକ ସାମନ୍ତରାୟଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ତରାଇ ପ୍ରାର୍ଥୀ ହୋଇଥିବା ବେଳେ ବିଜୁ ଜନତା ଦଳ (ବିଜେଡି), କଂଗ୍ରେସ ଓ ସିପିଆଇ(ଏମ୍) ମଧ୍ୟ ନିଜ ନିଜର ପ୍ରାର୍ଥୀଙ୍କୁ ନେଇ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିଲେ। ଆଗାମୀ ଜିଲ୍ଲା ପରିଷଦ ନିର୍ବାଚନର ରାଜନୈତିକ ସମୀକ୍ଷା କରିବା ପୂର୍ବରୁ ଗତ ନିର୍ବାଚନର ଫଳାଫଳ ଉପରେ ଏକ ସଂକ୍ଷିପ୍ତ ଆଲୋଚନା ଜରୁରୀ। ୨୦୨୨ ନିର୍ବାଚନର ଫଳାଫଳରେ ମାତ୍ର ୨୬୭ ଭୋଟରେ ବିଜେପିର ବିଜୟ ହେଇଥିଲା। ସେହି ନିର୍ବାଚନରେ ତତ୍କାଳୀନ ଶାସକ ବିଜୁ ଜନତା ଦଳ ପକ୍ଷରୁ କାଣ୍ଡପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ନର୍ମଦା ରାୟଙ୍କୁ ପ୍ରାର୍ଥୀ କରାଯାଇଥିଲା। ଜଣେ ଲବ୍ଧପ୍ରତିଷ୍ଠ ମହିଳା ଭାବେ ସେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିଲେ। ନର୍ମଦା ରଣପୁର ଅଞ୍ଚଳର ଜଣାଶୁଣା ବ୍ୟକ୍ତି ପୂର୍ଣ୍ଣଚନ୍ଦ୍ର ରାୟଙ୍କ ଝିଆରୀ ହୋଇଥିବା ବେଳେ ଠିକାଦାର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଧର୍ମପତ୍ନୀ। ଦଳୀୟ ସମର୍ଥନ ସତ୍ତ୍ୱେ ବିଜେପି ସହ କଡ଼ା ଟକ୍କର ଦେଇ ସେ ୮,୭୬୫ ଖଣ୍ଡ ଭୋଟ ପାଇଥିଲେ। ଅପରପକ୍ଷରେ ବିଜେପି ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟା ତରାଇ ୯,୦୩୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ମାତ୍ର ୨୬୭ ଖଣ୍ଡ ଭୋଟର ବ୍ୟବଧାନରେ ତାଙ୍କର ଏହି ବିଜୟ ବିଜେପିକୁ ନିଜର ପୂର୍ବ ଗଡ଼ ବଜାୟ ରଖିବାରେ ସହାୟକ ହୋଇଥିଲା। ସେହିପରି ଗୋଷ୍ଠୀ ବିବାଦରେ ଛନ୍ଦି ହୋଇପଡ଼ିଥିବା କଂଗ୍ରେସ ଦଳ ନୟାଗଡ଼ ଜିଲ୍ଲା କଂଗ୍ରେସ ଉପସଭାପତି ବାଳକୃଷ୍ଣ ଷଡ଼ଙ୍ଗୀଙ୍କ ଉଚ୍ଚଶିକ୍ଷିତା ପତ୍ନୀ ନିରୁପମା କରଙ୍କୁ ପ୍ରାର୍ଥୀ କରିଥିଲା। କିନ୍ତୁ ଦଳର ଆର୍ଥିକ ସମସ୍ୟା ଓ ଆଭ୍ୟନ୍ତରୀଣ ଗୋଡ଼ଟଣାଟଣି ଯୋଗୁଁ ତାଙ୍କୁ ମାତ୍ର ୯୫୪ ଖଣ୍ଡ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଅନ୍ୟପକ୍ଷରେ, ପୂର୍ବତନ ବିଧାୟକ ରମେଶ ପଣ୍ଡାଙ୍କ ନିଜ ଅଞ୍ଚଳ ହୋଇଥିବାରୁ ସିପିଆଇ(ଏମ୍) ମଧ୍ୟ ଏହି ଜୋନ୍‌ରେ ନିଜର ଦଳୀୟ ପ୍ରାର୍ଥିନୀ ଭାବେ ଜୋନ୍ ବାହାର ପଥୁରିଆ ଅଞ୍ଚଳର ଲବ୍ଧପ୍ରତିଷ୍ଠ ନେତ୍ରୀ ଜୟନ୍ତୀ ମହାରଣାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲା। ତେବେ ତାଙ୍କୁ ମାତ୍ର ୮୨୩ ଖଣ୍ଡ ଭୋଟ ମିଳିଥିଲା। ଏବେ କିନ୍ତୁ ରାଜନୈତିକ ସମୀକରଣ ବଦଳିଛି କାରଣ ବିଜେପିରେ ଗୋଷ୍ଠୀ କନ୍ଦଳ ବୃଦ୍ଧି ପାଇଛି।

ବର୍ତ୍ତମାନ ରାଜନୀତିର ପୂର୍ବ ଗଣିତ ଆଉ ନାହିଁ। ସରକାର ବଦଳିବା ସହିତ ଏହି ଜୋନ୍‌ରୁ ନିର୍ବାଚିତ ଲକ୍ଷ୍ମୀପ୍ରିୟା ତରାଇ ଏବେ ଶାସକ ବିଜେପିର ଜିଲ୍ଲା ପରିଷଦ ସଭ୍ୟା। ଆଗାମୀ ୨୦୨୬ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ଏବେଠାରୁ ବିଭିନ୍ନ ରାଜନୈତିକ ଦଳରେ ପ୍ରାର୍ଥୀ ଚୟନ ଓ ବିଜୟ ରଣନୀତି ଆରମ୍ଭ ହୋଇଯାଇଛି। ଆଶାୟୀ ପ୍ରାର୍ଥୀମାନେ ମଧ୍ୟ ଦଳୀୟ ନେତୃବୃନ୍ଦଙ୍କ ନିକଟତର ହୋଇ ଟିକେଟ ହାତେଇବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ତିନି ପ୍ରମୁଖ ରାଜନୈତିକ ଦଳରେ ଗୋଷ୍ଠୀ କନ୍ଦଳ ରହିଥିବା ବେଳେ ରଣପୁର ନିର୍ବାଚନମଣ୍ଡଳୀର ବିଜେପି ରାଜନୀତିରେ ସାଂସଦ ସମ୍ବିତ ପାତ୍ର ଓ ବାଚସ୍ପତି ସୁରମା ପାଢ଼ୀଙ୍କ ଗୋଷ୍ଠୀଗତ ମତଭେଦ ଚର୍ଚ୍ଚାର ବିଷୟ ହୋଇଛି। ସଭାସମିତିରେ ଉଭୟ ନେତା ମିଳିମିଶି ଯୋଗଦେଇ ଦଳୀୟ ଏକତାର ବାର୍ତ୍ତା ଦେଉଥିଲେ ମଧ୍ୟ କର୍ମୀ ଓ ପଞ୍ଚାୟତ, ବ୍ଲକ୍ ଏବଂ ଏନ୍‌ଏସି ସ୍ତରର ଛାମୁଆ ନେତାମାନଙ୍କ ମଧ୍ୟରେ ସେଭଳି ସମନ୍ୱୟ ଦେଖିବାକୁ ମିଳୁନାହିଁ। ଦଳୀୟ କାର୍ଯ୍ୟକ୍ରମ ଯଥା ସାଂଗଠନିକ ମଣ୍ଡଳସ୍ତରୀୟ ସମାବେଶ, ବୁଦ୍ଧିଜୀବୀ ସମ୍ମିଳନୀ, 'ଲୋକତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ଭଳି କାର୍ଯ୍ୟକ୍ରମକୁ ସାଂସଦଙ୍କ ଗୋଷ୍ଠୀ ଜିଲ୍ଲା ସଭାପତିଙ୍କୁ ନେଇ ନିଜସ୍ୱ ଢଙ୍ଗରେ ଆୟୋଜନ କରୁଥିବା ବେଳେ ବିଧାୟିକାଙ୍କ ଗୋଷ୍ଠୀ ମଧ୍ୟ ବିଧାୟିକା କିମ୍ବା ତାଙ୍କ ସ୍ୱାମୀ ଓ ଝିଅଙ୍କୁ କେନ୍ଦ୍ର କରି ଅଲଗା କାର୍ଯ୍ୟକ୍ରମ କରୁଥିବା ଅଭିଯୋଗ ହେଉଛି। ଏହାର ପ୍ରଭାବରେ ଦଳର ମୂଳ କର୍ମୀମାନେ ଧୀରେ ଧୀରେ ଦଳଠାରୁ ବିମୁଖ ହେଉଥିବା ଚର୍ଚ୍ଚା ହେଉଛି। ଏଭଳି ପରିସ୍ଥିତିରେ ଗୋପାଳପୁର ଜୋନ୍ ?ରୁ ଆଗାମୀ ନିର୍ବାଚନରେ ବିଜେପି କାହାକୁ ପ୍ରାର୍ଥୀ କରିବ, ତାହାକୁ ନେଇ ଦଳ ଭିତରେ ଦ୍ୱନ୍ଦ୍ୱ ଲାଗି ରହିଛି। ଅନେକ ଆଶାୟୀ ବିଜେପିରେ ଟିକେଟରେ ଲଢ଼ିବାପାଇଁ ଚାହୁଁଛନ୍ତି। ବର୍ତ୍ତମାନର ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତରାଇଙ୍କ ସ୍ୱାମୀ ଅଭିଷେକ ସାମନ୍ତରାୟ ଜଣେ ଦକ୍ଷ ସଂଗଠକ ଭାବେ ପରିଚିତ। ଲୋକଙ୍କ ସମସ୍ୟା ସହ ନିଜକୁ ଯୋଡ଼ି ରଖିବା ଏବଂ ତୃଣମୂଳସ୍ତରରେ ସଂଗଠନ ଗଢ଼ିବାରେ ତାଙ୍କର ଭୂମିକା ରହିଥିବାରୁ ଗତ ନିର୍ବାଚନରେ ଅନେକ ଭୋଟର ତାଙ୍କ ଉପରେ ଭରସା କରି ତାଙ୍କ ପତ୍ନୀଙ୍କୁ ଭୋଟ ଦେଇଥିବା ଚର୍ଚ୍ଚା ହୁଏ। ତେବେ ନିର୍ବାଚନରେ ବିଜୟ ଓ ଦଳ ସରକାରକୁ ଆସିବା ପରେ ଅଭିଷେକଙ୍କ ଆଚରଣରେ ପରିବର୍ତ୍ତନ ଆସିଥିବା ନେଇ କେତେକ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପୂର୍ବରୁ ସେ ୱାର୍ଡକୁ ୱାର୍ଡ ଯାଇ ଲୋକଙ୍କ ଦୁଃଖସୁଖ ବୁଝିବା ସହ ସରକାରୀସ୍ତରରେ ସହଯୋଗ ଓ ସହାୟତା ଯୋଗାଇ ଦେଉଥିବା ବେଳେ ଏବେ ତାଙ୍କୁ ଆଉ ପୂର୍ବଭଳି ଲୋକଙ୍କ ଗହଣରେ ଦେଖିବାକୁ ମିଳୁନଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୂର୍ବରୁ ଗାଁର ଯାନିଯାତ୍ରା, ସାମାଜିକ କାର୍ଯ୍ୟକ୍ରମ ଓ ସୁଖଦୁଃଖର ସମୟରେ ତାଙ୍କୁ ଅଧିକ ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ସାମାଜିକ ଗଣମାଧ୍ୟମ, ଖବରକାଗଜ ଓ ଟେଲିଭିଜନରେ ବିଧାୟିକାଙ୍କ ସଭାସମିତିରେ ତାଙ୍କ ଉପସ୍ଥିତି ଅଧିକ ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ, ଦଳୀୟ ମହଲରେ ଚର୍ଚ୍ଚା ହେଉଛି ଯେ ବାଚସ୍ପତି ସୁରମା ପାଢ଼ୀ ତାଙ୍କର ଅତ୍ୟନ୍ତ ନିକଟତମ ଅଭିଷେକଙ୍କ ପାଇଁ ଆଗାମୀ ନିର୍ବାଚନରେ ରଣପୁର ବ୍ଲକ୍ ଅଧ୍ୟକ୍ଷ ପଦବୀ ହାସଲ ନିମନ୍ତେ ରଣନୀତି ଆରମ୍ଭ କରିଦେଇଛନ୍ତି। ଏପରିକି ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ଆସନ୍ତା ନିର୍ବାଚନରେ ଜିଲ୍ଲା ପରିଷଦ ସଭ୍ୟା ପଦବୀ ପାଇଁ ଲଢ଼ିବା ପରିବର୍ତ୍ତେ ଗୋପାଳପୁର ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଆଗ୍ରହୀ ଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଅଭିଷେକ ନିଜ ପ୍ରତିକ୍ରିୟାରେ କହିଛନ୍ତି, "ପାର୍ଟି ଓ ସୁରମା ଅପା ଯେଉଁଠି ଏବଂ ଯେଉଁ ପଦବୀରେ ଲଢ଼ିବା ପାଇଁ ପଠାଇବେ, ସେଠାରେ ଲଢ଼ିବା ପାଇଁ ମୁଁ ପ୍ରସ୍ତୁତ। ତା'ପରେ ଗୋପାଳପୁର ଜୋନ୍‌ରେ କେଉଁ ପ୍ରକାର ସଂରକ୍ଷଣ ଲାଗୁ ହେଉଛି, ତାହା ମଧ୍ୟ ଦେଖିବାକୁ ପଡ଼ିବ।" ତାଙ୍କର ଏହି ମନ୍ତବ୍ୟରୁ ଅଭିଷେକ ନିଜେ କୌଣସି ଏକ ପଞ୍ଚାୟତରୁ ପଞ୍ଚାୟତ ସମିତି ସଭ୍ୟ ଭାବେ ନିର୍ବାଚନ ଲଢ଼ିବା ସହ ବ୍ଲକ୍ ଅଧ୍ୟକ୍ଷ ପଦବୀ ପାଇଁ ଉଦ୍ୟମ କରିପାରନ୍ତି ବୋଲି ରାଜନୈତିକ ମହଲରେ ଆକଳନ କରାଯାଉଛି। ଯଦି ତାଙ୍କର ଏହି ଆକଳନ ସତ୍ୟ ହୁଏ ଏବଂ ଗୋପାଳପୁର ଜୋନ୍‌ଟି ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ହୁଏ, ତେବେ ଦଳ ଗୋପାଳପୁର ଗ୍ରାମର ସୁରମା ପାଢ଼ୀଙ୍କ ନିକଟତମ ଭାବେ ପରିଚିତ ତଥା ରଣପୁର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷା ବୁଦ୍ଧିମତୀ ପ୍ରଧାନଙ୍କୁ କିମ୍ବା କାଣ୍ଡପଡ଼ା ପଞ୍ଚାୟତର ସରପଞ୍ଚ ଆଶାୟୀ ଭରତ ଚନ୍ଦ୍ର ନାୟକଙ୍କ ପତ୍ନୀଙ୍କୁ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ, ଆସନଟି ସାଧାରଣ ବର୍ଗଙ୍କ ପାଇଁ ଉନ୍ମୁକ୍ତ ରହିଲେ ଗୋପାଳପୁର ମଣ୍ଡଳ ସଭାପତି ତଥା ମହତପଲ୍ଲା ପଞ୍ଚାୟତର ଡିମିରିଆ ଗ୍ରାମର ପ୍ରଫୁଲ୍ଲ ମହାପାତ୍ର, ବଳଭଦ୍ରପୁର ପଞ୍ଚାୟତର ସରପଞ୍ଚ ସଞ୍ଜୟ ଦାସଙ୍କ ପତ୍ନୀ ଏବଂ ଜିଲ୍ଲା କୃଷକ ମୋର୍ଚ୍ଚାର ଉପସଭାପତି ସୁବାସ ମହାପାତ୍ରଙ୍କ ପତ୍ନୀ ତପସ୍ୱିନୀ ମହାପାତ୍ରଙ୍କ ନାମ ମଧ୍ୟ ସମ୍ଭାବ୍ୟ ପ୍ରାର୍ଥୀ ଭାବେ ଚର୍ଚ୍ଚାରେ ରହିଛି। ସର୍ବଶେଷ ଚର୍ଚ୍ଚା ଅନୁଯାୟୀ, ଏହି ଜୋନ୍‌ର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅନିଲ ଛୋଟରାୟଙ୍କ ପତ୍ନୀ ଲୋନାଡୋକା ଛୋଟରାୟ ମଧ୍ୟ ବିଜେପି ଟିକେଟ ପାଇବା ପାଇଁ ନିଜସ୍ୱ ଉଦ୍ୟମ ଜାରି ରଖିଛନ୍ତି।

ବିଜେଡିରେ ମଧ୍ୟ ଆଶାୟୀଙ୍କ ଲମ୍ବା ତାଲିକା ରହିଛି। ବିଜୁ ଜନତା ଦଳର ସମ୍ଭାବ୍ୟ ପ୍ରାର୍ଥୀଙ୍କ କଥା ବିଚାରକୁ ନେଲେ, ଏହି ଜୋନ୍‌ରେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ସଭ୍ୟା ଥିବା ବିନୋଦିନୀ ରାଉତରାୟଙ୍କ ନାମ ଚର୍ଚ୍ଚାର ଶୀର୍ଷରେ ରହିଛି। ସେ ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଲବ୍ଧପ୍ରତିଷ୍ଠ ଯୁବନେତା ସ୍ୱର୍ଣ୍ଣପ୍ରକାଶ ରାଉତରାୟଙ୍କ ଧର୍ମପତ୍ନୀ। ଯଦି ଆସନଟି ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ରହେ, ତେବେ ଦଳର ନୂତନ ବ୍ଲକ୍ ସଭାପତି ସନ୍ତୋଷ ଲେଙ୍କାଙ୍କ ନାମ ମଧ୍ୟ ଆଲୋଚନାକୁ ଆସୁଛି। ତେବେ ତାଙ୍କ ପତ୍ନୀ ଜଣେ ସରକାରୀ କର୍ମଚାରୀ ହୋଇଥିବାରୁ ତାଙ୍କ ପରିବାରରୁ ପ୍ରାର୍ଥୀ ଚୟନକୁ ନେଇ କି ପ୍ରକାର ସମୀକରଣ ସୃଷ୍ଟି ହେବ, ତାହା ମଧ୍ୟ ଦେଖିବାର ବିଷୟ। ବିଶେଷକରି, ବର୍ତ୍ତମାନ ବିଜୁ ଜନତା ଦଳ ପାଇଁ ସଞ୍ଜୀବନୀ ସାଜିଥିବା ଯୁବନେତା ପ୍ରଫୁଲ୍ଲ କୁମାର ନାୟକଙ୍କ ଏହା ନିଜସ୍ୱ ଜିଲ୍ଲା ପରିଷଦ ଅଞ୍ଚଳ ହୋଇଥିବାରୁ ପ୍ରାର୍ଥୀ ଚୟନରେ ତାଙ୍କ ମତାମତକୁ ଦଳ ଗୁରୁତ୍ୱ ଦେବ ବୋଲି ରାଜନୈତିକ ମହଲରେ ଆକଳନ କରାଯାଉଛି। ଯଦି ଆସନଟି ଜାତିଗତ ସଂରକ୍ଷଣ ଅଧୀନକୁ ଆସେ, ତେବେ ଅନ୍ୟ ଜୋନ୍‌ରୁ ପ୍ରାର୍ଥୀ ଆଣି ଏଠାରେ ଛିଡ଼ା କରାଯାଇପାରେ ବୋଲି ଦଳୀୟ ମହଲରେ ଚର୍ଚ୍ଚା ରହିଛି।

କଂଗ୍ରେସ ଓ ସିପିଆଇ(ଏମ୍) ମେଣ୍ଟ ହେଲେ କିଏ ମିଳିତ ପ୍ରାର୍ଥୀ ହେବେ ସେକଥା କହିବା କଷ୍ଟକର। ଜାତୀୟ ରାଜନୀତିରେ ଇଣ୍ଡି ମେଣ୍ଟର ଗୁରୁତ୍ୱ ଦୃଷ୍ଟିରୁ ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଓ ସିପିଆଇ(ଏମ୍) ମିଳିତ ଭାବେ ପ୍ରାର୍ଥୀ ଦେଇପାରନ୍ତି ବୋଲି ଆକଳନ କରାଯାଉଛି। ଯଦି ମିଳିତ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ହୁଏ, ତେବେ କଂଗ୍ରେସ ପକ୍ଷରୁ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଜିଲ୍ଲା କଂଗ୍ରେସ ଉପସଭାପତି ବାଳକୃଷ୍ଣ ଷଡ଼ଙ୍ଗୀଙ୍କ ପତ୍ନୀ ନିରୁପମା କରଙ୍କୁ ପୁନର୍ବାର ଚୟନ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟପକ୍ଷରେ, ଆସନଟି ଜାତିଗତ ସଂରକ୍ଷଣ ଅଧୀନକୁ ଆସିଲେ ଗୋପାଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଗତି ନାୟକଙ୍କ ନାମରେ ଦଳ ମୋହର ମାରିପାରେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଗୋପାଳପୁର ଜିଲ୍ଲା ପରିଷଦ ଜୋନ୍‌ରେ ଅନେକ ମୌଳିକ ସମସ୍ୟା ରହିଛି। ଗ୍ରାମୀଣ ରାସ୍ତା, ପାନୀୟ ଜଳ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ ଓ ଯୁବକମାନଙ୍କ ନିଯୁକ୍ତି ଭଳି ପ୍ରସଙ୍ଗ ଏହି ଅଞ୍ଚଳର ଭବିଷ୍ୟତ ରାଜନୀତିକୁ ପ୍ରଭାବିତ କରିପାରେ। କେବଳ ଦଳୀୟ ପତିଆରା, ନେତାଙ୍କ ଗୋଷ୍ଠୀଗତ ସମର୍ଥନ କିମ୍ବା ପ୍ରାର୍ଥୀଙ୍କ ରାଜନୈତିକ ପରିଚୟ ଆଧାରରେ ଆଗାମୀ ନିର୍ବାଚନର ଫଳାଫଳ ନିର୍ଣ୍ଣୟ ହେବ ନାହିଁ। ଲୋକଙ୍କ ସହ କିଏ ଅଧିକ ଯୋଡ଼ି ହୋଇ ରହିଛନ୍ତି, କିଏ ସେମାନଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇଛନ୍ତି ଏବଂ କିଏ ନିଜ ପ୍ରତିଶ୍ରୁତି ପାଳନ କରିବାରେ ସକ୍ଷମ ହୋଇଛନ୍ତି, ତାହା ହିଁ ଭୋଟରଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରିବ। ଏବେ ସମସ୍ତଙ୍କ ନଜର ଆଗାମୀ ନିର୍ବାଚନର ସଂରକ୍ଷଣ ତାଲିକା ଉପରେ ରହିଛି। ସଂରକ୍ଷଣ ବଦଳିଲେ ଅନେକ ଆଶାୟୀଙ୍କ ରାଜନୈତିକ ଗଣିତ ବଦଳିଯିବ। ଦଳୀୟ ଗୋଷ୍ଠୀ କନ୍ଦଳ, ପ୍ରାର୍ଥୀଙ୍କ ଲୋକପ୍ରିୟତା, ସଂଗଠନର ଶକ୍ତି ଓ ନିର୍ବାଚନୀ ରଣନୀତି ମଧ୍ୟ ଏହି ଜୋନ୍‌ରେ ନିର୍ଣ୍ଣାୟକ ଭୂମିକା ନେବ। ତେବେ ପ୍ରକୃତ କଥା ହେଉଛି, ଦଳୀୟ ଅଙ୍କକଷାରେ କିଏ ଆଗରେ ରହିବେ ତାହା ନୁହେଁ; ବରଂ ଜନସାଧାରଣଙ୍କ ଆସ୍ଥା ଜିଣିବାରେ କିଏ ସଫଳ ହେବେ, ଗୋପାଳପୁର ଜୋନ୍‌ର ଆଗାମୀ ରାଜନୈତିକ ଲଢ଼େଇରେ କେଉଁ ଦଳ କେଉଁ ମୁଦ୍ଦାକୁ ଆଧାର କରି ଜନତା ଜନାର୍ଦ୍ଦନଙ୍କ ମନ ଜିଣିପାରିବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।



ସୂଚନା
ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly
ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।
ସବିଶେଷ ଯୋଗାଯୋଗ :
ମୋବାଇଲ୍ :
୯୦୯୦୨୨୫୩୫୩
Email:
voiceofvictim2019@gmail.com
voiceofvictimsnews@gmail.com
Website :
https://voiceofvictims.co.in
E-Paper :
voiceofvictimsepaper.in



ବର୍ଣ୍ଣାଭୀ ଲେହେଙ୍ଗା ବୁଟିକ୍ ଉଦ୍‌ଘାଟିତ

କଟକ (ଭିଓଭି) : ମହାନଦୀ ବିହାର ସ୍ଥିତ ରିଦ୍ଧି-ସିଦ୍ଧି ମଣ୍ଡପରେ ବର୍ଣ୍ଣାଭୀ ଲେହେଙ୍ଗା ବୁଟିକ ଉଦଘାଟିତ ହୋଇଯାଇଛି । ଏହି ଅନୁଷ୍ଠାନର ପ୍ରତିଷ୍ଠାତା ଚୁମକି ପଟେଲ ଓ ଡ଼ଃ ଶ୍ରଦ୍ଧାଞ୍ଜଳି ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ନିଶିକାନ୍ତ ମିଶ୍ର, ମମତା ଘଡ଼ାଇ ଏବଂ ମଧୁସ୍ମିତା ପ୍ରତାପ ପ୍ରମୁଖ ଯୋଗ ଦେଇ ଏହାକୁ ଉଦ୍ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୀତାଞ୍ଜଳି ପାଣି, ବିଜୟଲକ୍ଷ୍ମୀ ପଣ୍ଡା, ତଥାଗତ ପାଣି, ଦୀପକ କୁମାର ପ୍ରଧାନ, ପୂଣ୍ୟପ୍ରଭା ପାଣି, ସ୍ୱୟଂପ୍ରଭା ପାଣି, ଆଦିଶ୍ରୀ ଦାଶ, ଶୁଭଲକ୍ଷ୍ମୀ ପଣ୍ଡା, ନିଶାନ୍ତ ସାହୁ, ଚନ୍ଦନ କୁମାର ପଣ୍ଡା, ମିହିର ଶରଣ, ଆକାଶ ଗିରି, ସୁଲୋଚନା ପଣ୍ଡା, ରାଧାମାଧବ ପଣ୍ଡା ଓ ମହିମାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ପତଞ୍ଜଳି ପକ୍ଷରୁ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



କଟକ (ଭିଓଭି) : ପତଞ୍ଜଳି ଯୋଗପୀଠ ପକ୍ଷରୁ କଟକ ଜିଲ୍ଲାରେ ନୂତନ ଯୋଗ ଶିକ୍ଷକ ନିର୍ମାଣ ପାଇଁ ପଚିଶି ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପ୍ରଭାରୀ ସୁନିଲ ଶର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ହରିଦ୍ୱାରର ସନ୍ୟାସୀ ଏବଂ ଜିଲ୍ଲା ତଥା ରାଜ୍ୟର ବରିଷ୍ଠ ଯୋଗ ଶିକ୍ଷକମାନେ ଯୋଗ, ଆୟୁର୍ବେଦ, ପ୍ରାକୃତିକ ଚିକିତ୍ସା, ଘରୋଇ ଉପଚାର, ଆକ୍ୟୁପ୍ରେସର ଚିକିତ୍ସା, ଷଟ୍ କ୍ରିୟା, ସରଳ ବୈଦିକ ଯଜ୍ଞ, ରାଷ୍ଟ୍ରବାଦ, ଜୈବିକ କୃଷି ଓ ବିଭିନ୍ନ ଆର୍ଷ ଗ୍ରନ୍ଥର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରଭାରୀ ଶିଶିର କୁମାର ଜେନା, ନିମାଇଁ ଚରଣ ଜେନା, କିଶୋର ସାଗର, ବିଚିତ୍ର କୁମାର ସାହୁ, ସ୍ୱରୂପ ସାହୁ, ପ୍ରସନ୍ନ ଭୂୟାଁ, ପ୍ରିୟବ୍ରତ ରାଉତରାୟ, ଭରତ ଶର୍ମା, ତ୍ରିନାଥ ଦାସ, ମହେନ୍ଦ୍ର ତ୍ରିପାଠୀ, ନିତାଇ ବଳ, ସବିତା ପରିଡ଼ା, ସି ଏଚ୍ ବସନ୍ତା, ସୁରଭି ରାଉତ, ଗୀତାଞ୍ଜଳି ଶତପଥୀ, ବିଦ୍ୟୁତଲତା ରାୟ ଓ ଜ୍ୟୋସ୍ନାରାଣୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମାବର୍ତ୍ତନ ଉତ୍ସବରେ ଶିବାଜୀ ସତ୍ୟ ରଞ୍ଜନ ଷଡ଼ଙ୍ଗୀ ପ୍ରଶିକ୍ଷଣ ଶିବିରର ସଂଯୋଜକ ଭାବେ ଧନ୍ୟବାଦ ପ୍ରଦାନ କରିଥିଲେ। କଟକ ଜିଲ୍ଲାର ୧୩୫ ଜଣ ବ୍ୟକ୍ତି ଏହି ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିଲେ।

ଇତିହାସର ଏନ୍ତୁଡ଼ିଶାଳ: ସତ୍ୟବାଦୀ

ପଣ୍ଡିତ ଶ୍ରୀ କୃପାସିନ୍ଧୁ ମିଶ୍ରଙ୍କ ତିରୋଧାନ ହୁଏ ୧୯୨୬ ମସିହାରେ। ତାଙ୍କର ଦେହାନ୍ତ ପରେ 'ଉତ୍କଳ ଇତିହାସ' ଗବେଷଣା ଅସମ୍ପୂର୍ଣ୍ଣ ରହିଯିବା କଥା ସଭିଏଁ ଜାଣନ୍ତି। ପଣ୍ଡିତ ଗୋପବନ୍ଧୁ ଦାସ 'ସମାଜ' ପୃଷ୍ଠାରେ ଏହାଙ୍କ ସ୍ୱର୍ଗାରୋହଣ ପର୍ବର ମାର୍ମିକ ଆଲୋଚନାରେ ଉତ୍କଳମାତା, ଏକ ଶ୍ରେଷ୍ଠ ଐତିହାସିକ ପୁତ୍ର ହରାଇବା ସହିତ ଉତ୍କଳ ଇତିହାସର ଗବେଷଣାର ପଥ ବନ୍ଦ ହେଲା ବୋଲି ଉଲ୍ଲେଖ କରିଯାଇଛନ୍ତି। ସେହିପରି ଉତ୍କଳର ପ୍ରଥମ ବାରିଷ୍ଟର ଶ୍ରୀ ବିଶ୍ୱନାଥ ମିଶ୍ର ଯେକି ସାଧାରଣରେ ପରିଚିତ ମିଷ୍ଟର ଉତ୍କଳ ତାଙ୍କର ବହୁକାଳ ବ୍ୟାପୀ ସାଧନାରୁ ରଚିତ (ଏ ସର୍ଟ ହିଷ୍ଟ୍ରି ଅଫ ଆନସିଏଣ୍ଟ ଉତ୍କଳ A short





History of Ancient Utkal - ପ୍ରାଚୀନ ଉତ୍କଳର ସଂକ୍ଷିପ୍ତ ଇତିହାସ) ବହିଟି ତାଙ୍କରି ଦେହାବସାନ ପରେ ସବୁ ଦିନ ପାଇଁ ଲୋକଲୋଚନରୁ ଦୂରେଇ ଯାଇଥିଲା। ବାରିଷ୍ଟର ମିଶ୍ରଙ୍କ ମୃତ୍ୟୁ ହୁଏ, ୧୯୩୩ ସେପ୍ଟେମ୍ବର ୧୯ ତାରିଖରେ। ସେପ୍ଟେମ୍ବର ୨ୟ ସପ୍ତାହରେ ଏହି ପାଣ୍ଡୁଲିପିକୁ ସେ ତତ୍କାଳୀନ ବରିଷ୍ଠ ତୁଙ୍ଗ ନେତା ସି. ଏସ୍. ରଙ୍ଗାଆୟାରଙ୍କୁ ଦେଖାଇ ଏହାକୁ ପ୍ରକାଶ କରିବା ପାଇଁ ଅନୁରୋଧ କରିଥିଲେ। ଦୁଃଖର ବିଷୟ ସତ୍ୟବାଦୀର ଏହି ଦୁଇ ଐତିହାସିକଙ୍କ ପୁସ୍ତକ ଯଦି ପୂର୍ଣ୍ଣାଙ୍ଗ ରୂପ ପାଇଥାନ୍ତା, ତେବେ ଏହା ଉତ୍କଳ ପାଇଁ ଏକ ବିସ୍ମୟ ହୋଇଥାନ୍ତା ନିଶ୍ଚୟ।

ଡଃ ରଶ୍ମୀରଂଜନ ମହାପାତ୍ର
ସତ୍ୟବାଦୀ

ଜଙ୍ଗଲରେ ଯୁବକଙ୍କ ମୃତ ଦେହ ଠାବ

ବାଲେଶ୍ୱର (ଭିଓଭି) : ବାଲେଶ୍ୱର ଜିଲ୍ଲା ନୀଳଗିରି ଭାଲୁକାଶୁଣି ଜଙ୍ଗଲରେ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି । ମୃତ ଯୁବକ ଜଣକ ନୀଳଗିରି ଥାନା ଅନ୍ତର୍ଗତ ମିତ୍ରପୁର ଅଞ୍ଚଳର ଭରତ ଜେନାଙ୍କ ପୁଅ ଶୁଭମ ଜେନା ବୋଲି ଜଣାପଡ଼ିଛି । ଘଟଣା ସ୍ଥଳରେ ବରହମପୁର ପୁଲିସ ପହଞ୍ଚି ତଦନ୍ତ କରୁଛି । ଶୁଭମଙ୍କର କୁରୁଡ଼ା ଠାରେ ଏକ ପୁରୁଣା କାର୍ ବିକ୍ରି ଶୋରୁମ୍ ରହିଛି । ଗତକାଲି ଅପରାହ୍ନ ୪ଟା ସମୟରେ ଦୋକାନ କାମ ସାରି ନିଜ ସାଙ୍ଗକୁ ମିତ୍ରପୁରରେ ଛାଡ଼ି କପ୍ତିପଦା ଯିବେ ବୋଲି କହି ଘରୁ ବାହାରିଥିଲେ । ସନ୍ଧ୍ୟା ୭ ପୂର୍ବରୁ ଫେରିବେ ବୋଲି କହି ଯାଇଥିବା ଶୁଭମ ରାତି ୯ଟା ଯାଏ ଫେରି ନଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିବା ଆରମ୍ଭ କରିଥିଲେ । ପରେ



ନୀଳଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଆଜି ସକାଳେ ସ୍ଥାନୀୟ ଲୋକେ ଜଙ୍ଗଲରେ ଝୁଲନ୍ତା ଅବସ୍ଥାରେ ଏକ ମୃତଦେହକୁ ଦେଖିଥିଲେ। ନିକଟରେ ଏକ ପଲସର ବାଇକ ଥିଲା। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଶୁଭମଙ୍କୁ ଠାବ କରିଥିଲେ । ଟଙ୍କା ନେଣଦେଣକୁ କେନ୍ଦ୍ର କରି ହତ୍ୟା କରାଯାଇଛି ବୋଲି ତାଙ୍କ ବାପା ଅଭିଯୋଗ କରିଛନ୍ତି ।

ଐତିହାସିକ ରୁଷ ବିପ୍ଳବର ସ୍ମାରକି ପାଳିତ

ରଣପୁର (ଭିଓଭି) : ସିପିଆଇ (ଏମ) ରଣପୁର ଆଞ୍ଚଳିକ କମିଟି ତରଫରୁ ୧୧୦ ତମ ରୁଷ ବିପ୍ଳବ ସ୍ମାରକି ଚମ୍ପାପେଡି ବାତ୍ୟାଶ୍ରୟ ସ୍ଥଳଠାରେ ସାଥୀ ବିଣାପାଣୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାର୍ଟିର ଲାଲଝଣ୍ଡାକୁ ସାଥୀ ନିତ୍ୟାନନ୍ଦ ପରିଡା ଉତ୍ତୋଳନ କରିଥିବା ବେଳେ ରଣପୁରର ମହାନ ବିପ୍ଳବୀ ସାଥୀ ପୁର୍ଣ୍ଣଚନ୍ଦ୍ର ସାମନ୍ତରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉନ୍ନବିଂଶ ସତାବ୍ଦୀରେ ବିଶ୍ୱର ସର୍ବପ୍ରଥମ ବୃହତ୍ତମ ସମାଜତାନ୍ତ୍ରିକ ରାଷ୍ଟ୍ର ଭାବେ ରୁଷ ଅଗ୍ରଣୀ ସ୍ଥାନ ନେଇଥିଲା ବେଳେ ଜାର ଶାସନକୁ ହଟାଇ କୃଷକ -ଶ୍ରମିକ ନେତୃତ୍ୱରେ ବିପ୍ଳବ ସଂଗଠିତ ହୋଇଥିଲା। ଯେତେବେଳେ ପ୍ରଥମ ବିଶ୍ୱଯୁଦ୍ଧ ଛାଲିଛି ଠିକ ୧୯୧୭ ମସିହା ନଭେମ୍ବର ୧୭ ତାରିଖ ଦିନ ଲେନିନ୍‌ଙ୍କ ନେତୃତ୍ୱରେ ସମାଜବାଦୀ ଆନ୍ଦୋଳନର ବିଜୟ ହୋଇଥିଲା। ଯେଉଁ ଆନ୍ଦୋଳନ ଭାରତ ସମେତ ଅନ୍ୟାନ୍ୟ ଦେଶର ମୁକ୍ତି ଆନ୍ଦୋଳନକୁ ସକାରାତ୍ମକ ବାର୍ତ୍ତା ଦେଇଥିଲା। ଦକ୍ଷିଣପନ୍ଥୀ ପ୍ରତିକ୍ରିୟାଶୀଳ ଶକ୍ତି ପ୍ରତି ବିଶ୍ୱ ସ୍ତରରେ ଏକ ଚ୍ୟାଲେଞ୍ଜ ଆସିଛି ବୋଲି ବକ୍ତାମାନେ କହିଥିଲେ। ଆମେରିକା ସିନେଟରେ ୬ ଜଣ କମ୍ୟୁନିଷ୍ଟଙ୍କୁ ବିଜୟ, ୟୁରୋପର ବିଭିନ୍ନ ରାଷ୍ଟ୍ରରେ କମ୍ୟୁନିଷ୍ଟମାନଙ୍କର ବିଜୟ ସମାଜବାଦୀ ବ୍ୟବସ୍ଥା ପ୍ରତି ବିଶ୍ୱରେ ଆସ୍ଥା ସୃଷ୍ଟି କରିଥିବା ବେଳେ ଆମ ଦେଶର ମୋଦୀ ସରକାରର ଜନବିରୋଧୀ ନୀତି ଓ ସମ୍ବିଧାନ ବିରୋଧୀ ନୀତି ବିରୋଧରେ ବିରୋଧୀ ଦଳ ଓ ସାମାଜିକ ସଂଗଠନଗୁଡିକର ଶକ୍ତିଶାଳୀ ଆନ୍ଦୋଳନ ଇଣ୍ଡିଆ ମେଣ୍ଟ ତରଫରୁ ଚାଲିଥିବା ତୀବ୍ର ଆନ୍ଦୋଳନ ହିଁ ମୋଦୀ ସରକାରର ମୁଖା ଖୋଲିଦେଇଛି । ଏହା ବିରୋଧରେ ଜନମତ ଜାଗ୍ରତ କରିବାକୁ ପାର୍ଟି ତରଫରୁ ଆହ୍ୱାନ ଦେଇଥିଲେ। ଜନଗଣଙ୍କ ବିଭିନ୍ନ ସ୍ଥାନୀୟ ସମସ୍ୟାକୁ ନେଇ ଆସନ୍ତା ନଭେମ୍ବର ୨୬ ତାରିଖ ଦିନ ରଣପୁର ବ୍ଲକ ସମ୍ମୁଖରେ ସଂଗଠିତ ଗଣଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ସାଧାରଣ ସଭାରେ ପାର୍ଟିର ଜିଲ୍ଲା ନେତା ନିତ୍ୟାନନ୍ଦ ପରିଡ଼ା, ଦୁଃଶାସନ ଜେନା, ସୁରେଶ ସ୍ୱାଇଁ, କୁଳମଣି ପଲେଇ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।



ବିଲୁପ୍ତ ଅବସ୍ଥାରେ ଆଦର୍ଶ କୂଅ

ରଣପୁର (ବ୍ରଜ ରଣସିଂହ) : ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୧ନମ୍ବର ୱାର୍ଡ ସାନଗଡ ସ୍ଥିତ ରାଜରାଜୁଡା ଅମଳରେ ନିର୍ମିତ ଆଦର୍ଶ କୂଅ ଏବେ ବିଲୁପ୍ତ ହେବାକୁ ବସିଥିବା ବେଳେ ଏହାର ରକ୍ଷଣାବେକ୍ଷଣ ପରିବର୍ତ୍ତେ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ସୂଚନା ଥାଉକି ପ୍ରଜାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଜରାଜୁଡା ଅମଳରେ ୪ଶହ ବର୍ଷ ତଳେ ସାନଗଡ ସ୍ଥିତ ଗଡଭିତର ସାହି ଠାରେ ଏକ ଐତିହାସିକ ଆଦର୍ଶ କୂଅ ନିର୍ମାଣ କରାଯାଇଥିଲା। ତେବେ ଦୀର୍ଘବର୍ଷ ଧରି ପାନୀୟ ଜଳ ଯୋଗାଇ ଆସୁଥିବା ଉକ୍ତ କୂଅ କାଳକ୍ରମେ ରକ୍ଷଣା ବେକ୍ଷଣ ଅଭାବରୁ ଏହାର କିଛି ଅଂଶ ନଷ୍ଟ ହେବାକୁ ବସିଲାଣି । ବେଠୀ, ବେଗାରୀଙ୍କ ଦ୍ୱାରା ହାତୀ ସହାୟତାରେ ବଡ ବଡ ପଥର ଖଣ୍ଡ ଅଣାଯାଇ ଉକ୍ତ କୂଅ ନିର୍ମାଣ କରାଯାଇଥିଲା। ତେବେ କୂଅର ଭିତର ପାର୍ଶ୍ୱରେ କଳା ମାଙ୍କଡା ପଥର ବସାଯାଇଥିବା ବେଳେ ବାହାର ପାର୍ଶ୍ୱରେ ବଡ ବଡ ବଉଳମାଳ ପଥର ବ୍ୟବହାର କରାଯାଇଥିଲା। ବରିଷ୍ଠ ନାଗରିକଙ୍କ କହିବା ଅନୁଯାୟୀ ପାଣି ପାଇଁ ଆସୁଥିବା ଝିଅ, ବୋହୂଙ୍କ ଉପରେ ଯେପରି କାହାର ନଜର ନପଡେ ଓ ଗାଈଗୋରୁ ଯେପରି କୂଅରେ ନପଡନ୍ତି, ସେ ଦିଗରେ ଅଧିକ ଗୁରୁତ୍ୱଦେଇ କୂଅର ଚତୁଃପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରାଯାଇଥିଲା। କିନ୍ତୁ ଆଧୁନିକତାର ଛାପ ପଡିବା ପରେ ଲୋକେ ସରକାରୀ ସପ୍ଲାଇ ପାଣି ନିଭର୍ର କରୁଥିବା ବେଳେ ଉକ୍ତ କୂଅ ଉପରେ ଏବେ ଅଧିକାଂଶ ଲୋକେ ବିମୁଖ ହୋଇପଡିଛନ୍ତି। ଫଳରେ କୂଅଟି ଏବେ ଅଣଦଖା ହୋଇପଡିଛି । କିନ୍ତୁ ଏବେ ବି ୯୦ପ୍ରତିଶତ ନୀରିହ ଗରିବ ପରିବାର ଲୋକେ ସେହି କୂଅ ଉପରେ ନିର୍ଭର କରିଥାନ୍ତି। ବାସ୍ତବିକ ଉକ୍ତ କୂଅଟି ପାହାଡ ତଳି ଅଞ୍ଚଳରେ ଥିବାରୁ ଉକ୍ତ କୂଅର ପାଣି ଅତି ମଧୂର ଓ ଔଷଧୟ ଗୁଣ ଥିବା ନେଇ ଅଞ୍ଚଳବାସୀ କୁହନ୍ତି। ତେବେ କୂଅଟିର ପୁନଃ ଉଦ୍ଧାର କରିବା ସାଙ୍ଗକୁ ଭଗ୍ନାବେଶଷକୁ ପୁନଃ ନିର୍ମାଣ କରାଗଲେ ଆଗାମୀ ପିଢି ପାଇଁ ଏକ ସର୍ବଶ୍ରେଷ୍ଠ ଆଦର୍ଶ କୂଅ ହୋଇ ରହିବ ବୋଲି ପ୍ରଶାସନକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।



ତୃତୀୟ ଲିଙ୍ଗ : ପରିଚୟର ସଂଘର୍ଷ ନୁହେଁ, ସମାନତାର ଅଧିକାର





ସନ୍ତୋଷ ମିଶ୍ର

ଆମ ସମାଜରେ ମଣିଷକୁ ମାପିବାର ଅନେକ ମାପକାଠି ରହିଛି। କିଏ କେତେ ଧନୀ, କିଏ କେତେ ଶିକ୍ଷିତ, କିଏ କେଉଁ ପଦବୀରେ ଅଛି, ଏସବୁକୁ ନେଇ ଆମର ବିଚାର। କିନ୍ତୁ ଏହି ବିଚାର ଭିତରେ ଆମେ ଭୁଲିଯାଉ ଯେ ମଣିଷର ସବୁଠାରୁ ବଡ଼ ପରିଚୟ ହେଉଛି ତା'ର ମାନବିକତା। ଆମ ସମାଜରେ ଏପରି ଏକ ମାନବ ସମୁଦାୟ ଅଛି, ଯାହାକୁ ଆମେ ଦେଖୁ, କିନ୍ତୁ ବୁଝିବାକୁ ଚେଷ୍ଟା କରୁନାହୁଁ। ସେମାନେ ହେଉଛନ୍ତି ତୃତୀୟ ଲିଙ୍ଗର ବ୍ୟକ୍ତିମାନେ। ଘରେ ଶିଶୁ ଜନ୍ମ ହେଲେ ସେମାନଙ୍କ ଆଶୀର୍ବାଦ ଲୋଡ଼ାଯାଏ, ବିବାହ ଓ ମଙ୍ଗଳ କାର୍ଯ୍ୟରେ ସେମାନଙ୍କ ଉପସ୍ଥିତିକୁ ଶୁଭ ବୋଲି ମାନାଯାଏ। କିନ୍ତୁ ସେହି ସମୁଦାୟର ଜଣେ ବ୍ୟକ୍ତି ଯେତେବେଳେ ଆମ ସହକର୍ମୀ, ପଡ଼ୋଶୀ, ଶିକ୍ଷକ କିମ୍ବା ଅଧିକାରୀ ଭାବେ ଆମ ପାଖରେ ଠିଆ ହେବାକୁ ଚାହାନ୍ତି, ସେତେବେଳେ ଆମ ମନରେ ଏତେ ପ୍ରଶ୍ନ କାହିଁକି ଉଠେ? ଆଶୀର୍ବାଦ ନେବାକୁ ଯେଉଁ ସମାଜ କୁଣ୍ଠାବୋଧ କରେନାହିଁ, ସେହି ସମାଜ ସମାନ ଅଧିକାର ଦେବାକୁ କାହିଁକି କୁଣ୍ଠାବୋଧ କରେ?

୨୦୧୧ ମସିହାର ଜନଗଣନାରେ ଭାରତର ୪,୮୭,୮୦୩ ଜଣ ବ୍ୟକ୍ତି ଲିଙ୍ଗ ବର୍ଗରେ 'ଅନ୍ୟ' ଶ୍ରେଣୀରେ ନିଜକୁ ଚିହ୍ନଟ କରିଥିଲେ। ଓଡ଼ିଶାରେ ଏହି ସଂଖ୍ୟା ଥିଲା ୨୦,୩୩୨। ତେବେ ଏହି ଶ୍ରେଣୀ କେବଳ ତୃତୀୟ ଲିଙ୍ଗର ବ୍ୟକ୍ତିଙ୍କୁ ନେଇ ନଥିଲା। ତେଣୁ ଏହାକୁ ସେମାନଙ୍କର ସମ୍ପୂର୍ଣ୍ଣ ଜନସଂଖ୍ୟା ବୋଲି ଧରିନେବା ଠିକ୍ ନୁହେଁ। ୧୫ ଏପ୍ରିଲ୍ ୨୦୧୪ରେ ସୁପ୍ରିମକୋର୍ଟଙ୍କ ଐତିହାସିକ NALSA ରାୟ ତୃତୀୟ ଲିଙ୍ଗର ବ୍ୟକ୍ତିମାନଙ୍କୁ ଆଇନଗତ ସ୍ୱୀକୃତି ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ଦେବାର ରାସ୍ତା ଖୋଲିଥିଲା। ପରେ ୨୦୧୯ରେ Transgender Persons (Protection of Rights) Act ପ୍ରଣୟନ ହୋଇଥିଲା। କିନ୍ତୁ ଆଇନରେ ସ୍ୱୀକୃତି ମିଳିଗଲେ କ'ଣ ସମାଜରେ ସମ୍ମାନ ମିଳିଯାଏ? ଶିକ୍ଷାନୁଷ୍ଠାନ, ନିଯୁକ୍ତି, ଘରଭଡ଼ା ଓ ସ୍ୱାସ୍ଥ୍ୟସେବାରେ ସେମାନେ ପ୍ରକୃତରେ ସମାନ ସୁଯୋଗ ପାଉଛନ୍ତି କି? ଆଇନ ରାସ୍ତା ଦେଖାଇପାରେ, କିନ୍ତୁ ସେହି ରାସ୍ତାରେ ସମ୍ମାନର ସହ ଚାଲିବାର ପରିବେଶ ସୃଷ୍ଟି କରିବା ଆମ ସମସ୍ତଙ୍କ ଦାୟିତ୍ୱ। ତୃତୀୟ ଲିଙ୍ଗର ବ୍ୟକ୍ତିମାନେ କେବଳ ସହାନୁଭୂତିର ପାତ୍ର ନୁହନ୍ତି। ସେମାନେ ନିଜ ଶିକ୍ଷା, ଯୋଗ୍ୟତା ଓ ପରିଶ୍ରମ ଦ୍ୱାରା ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିପାରନ୍ତି। ଏହାର କିଛି ପ୍ରେରଣାଦାୟକ ଉଦାହରଣ ଆମ ଓଡ଼ିଶା ସମେତ ସମଗ୍ର ଭାରତରେ ରହିଛି।

ମୀରା ପରିଡ଼ା : ଅଧିକାର ଓ ଆତ୍ମନିର୍ଭରତାର ସ୍ୱର



ଓଡ଼ିଶାର ମୀରା ପରିଡ଼ା ଜଣେ ପରିଚିତ ତୃତୀୟ ଲିଙ୍ଗ ନେତ୍ରୀ ଓ ସାମାଜିକ କର୍ମୀ। ତୃତୀୟ ଲିଙ୍ଗ ସମୁଦାୟର ଅଧିକାର, ସ୍ୱାସ୍ଥ୍ୟ ସଚେତନତା ଓ ଆର୍ଥିକ ସ୍ୱାବଲମ୍ବନ ପାଇଁ ସେ ଦୀର୍ଘଦିନ ଧରି କାମ କରିଆସୁଛନ୍ତି। ତାଙ୍କ ଯାତ୍ରା ଆମକୁ ଶିଖାଏ ଯେ ସାମାଜିକ ପରିବର୍ତ୍ତନ ପାଇଁ ସାହସ ଓ ସଂଗଠିତ ପ୍ରୟାସ ଆବଶ୍ୟକ।

ସାଧନା ମିଶ୍ର : ଶିକ୍ଷା ଓ ସାମାଜିକ ସେବା



ଓଡ଼ିଶାର ସାଧନା ମିଶ୍ର ସୋସିଆଲ୍ ୱର୍କରେ ମାଷ୍ଟର୍ସ ଓ MBA ଡିଗ୍ରୀ ହାସଲ କରିଛନ୍ତି। ସେ ସାମାଜିକ ବିକାଶ, ସ୍ୱାସ୍ଥ୍ୟ ସଚେତନତା ଓ ଲିଙ୍ଗଗତ ସମାନତା କ୍ଷେତ୍ରରେ କାମ କରିଛନ୍ତି। ୨୦୧୭ରେ ତୃତୀୟ ଲିଙ୍ଗ ଶ୍ରେଣୀରେ ପାସପୋର୍ଟ ପାଇବା ଓ KISSରେ ସାମାଜିକ ବିକାଶ ଅଧିକାରୀ ଭାବେ ନିଯୁକ୍ତି ପାଇବା ତାଙ୍କ ଜୀବନର ଉଲ୍ଲେଖନୀୟ ଘଟଣା।

ଐଶ୍ୱର୍ଯ୍ୟା ରତୁପର୍ଣ୍ଣା ପ୍ରଧାନ: ଯୋଗ୍ୟତାର କୌଣସି ଲିଙ୍ଗ ନାହିଁ



ଓଡ଼ିଶା ଅର୍ଥ ସେବା (OFS)ର ଅଧିକାରୀ ଐଶ୍ୱର୍ଯ୍ୟା ରତୁପର୍ଣ୍ଣା ପ୍ରଧାନ ନିଜ ଯୋଗ୍ୟତା ଓ କର୍ମଦକ୍ଷତା ଦ୍ୱାରା ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି। ତାଙ୍କ ଜୀବନଯାତ୍ରା ପ୍ରମାଣ କରେ ଯେ ଜଣେ ବ୍ୟକ୍ତିଙ୍କୁ ଲିଙ୍ଗ ପରିଚୟ ନୁହେଁ, ତାଙ୍କ କାମ ଓ କ୍ଷମତା ଆଧାରରେ ମୂଲ୍ୟାୟନ କରିବା ଉଚିତ।

ଲକ୍ଷ୍ମୀ ନାରାୟଣ ତ୍ରିପାଠୀ : ବିଶ୍ୱ ମଞ୍ଚରେ ଅଧିକାରର ସ୍ୱର



ମହାରାଷ୍ଟ୍ରର ଲକ୍ଷ୍ମୀ ନାରାୟଣ ତ୍ରିପାଠୀ ଜଣେ ପରିଚିତ ତୃତୀୟ ଲିଙ୍ଗ ଅଧିକାର କର୍ମୀ, ନୃତ୍ୟଶିଳ୍ପୀ ଓ ଅଭିନେତ୍ରୀ। ୨୦୦୮ରେ ଜାତିସଂଘରେ ଏସିଆ-ପ୍ରଶାନ୍ତ ଅଞ୍ଚଳର ପ୍ରତିନିଧି ଭାବେ ତାଙ୍କ ଉପସ୍ଥିତି ଏକ ଐତିହାସିକ ଘଟଣା ଥିଲା। ସେ ଆଜି ମଧ୍ୟ ସମୁଦାୟର ଅଧିକାର ଓ ସମ୍ମାନ ପାଇଁ ସ୍ୱର ଉଠାଇଆସୁଛନ୍ତି।

ଗୌରୀ ସାୱନ୍ତ : ମାତୃତ୍ୱର ଏକ ଅନନ୍ୟ ଉଦାହରଣ



ମହାରାଷ୍ଟ୍ରର ଗୌରୀ ସାୱନ୍ତ ଜଣେ ପ୍ରମୁଖ ସାମାଜିକ କର୍ମୀ। ସେ Sakhi Char Chowghi Trust ପ୍ରତିଷ୍ଠା କରି ତୃତୀୟ ଲିଙ୍ଗ ସମୁଦାୟର ସ୍ୱାସ୍ଥ୍ୟ ଓ କଲ୍ୟାଣ ପାଇଁ କାମ କରିଛନ୍ତି। ଜଣେ ଅନାଥ ଶିଶୁକୁ ଆପଣାଇ ମାତୃତ୍ୱର ଉଦାହରଣ ସୃଷ୍ଟି କରିଥିବା ତାଙ୍କ କାହାଣୀ ଦେଶବ୍ୟାପୀ ଚର୍ଚ୍ଚା ସୃଷ୍ଟି କରିଥିଲା। ତାଙ୍କ ଜୀବନ ଆମକୁ ମନେ ପକାଏ ଯେ ମାତୃତ୍ୱ କେବଳ ଜୈବିକ ପରିଚୟ ନୁହେଁ, ଏହା ସ୍ନେହ, ଦାୟିତ୍ୱ ଓ ଯତ୍ନର ନାମ।

ମନାବୀ ବନ୍ଦ୍ୟୋପାଧ୍ୟାୟ : ଉଚ୍ଚଶିକ୍ଷାରେ ଐତିହାସିକ ପଦକ୍ଷେପ



ପଶ୍ଚିମବଙ୍ଗର ମନାବୀ ବନ୍ଦ୍ୟୋପାଧ୍ୟାୟ ୨୦୧୫ରେ କୃଷ୍ଣନଗର ମହିଳା କଲେଜର ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରି ଭାରତର ପ୍ରଥମ ସାର୍ବଜନୀନ ତୃତୀୟ ଲିଙ୍ଗ ପରିଚୟଧାରୀ କଲେଜ ଅଧ୍ୟକ୍ଷା ଭାବେ ପରିଚିତ ହୋଇଥିଲେ। ତାଙ୍କ ସଫଳତା ପ୍ରମାଣ କରେ ଯେ ନେତୃତ୍ୱ ଓ ଶିକ୍ଷା କ୍ଷେତ୍ରରେ ଯୋଗ୍ୟତା ହିଁ ପ୍ରମୁଖ।

ଜୟିତା ମଣ୍ଡଳ : ସଂଘର୍ଷରୁ ଆଇନଗତ ସେବା ପର୍ଯ୍ୟନ୍ତ



ପଶ୍ଚିମବଙ୍ଗର ଜୟିତା ମଣ୍ଡଳ ୨୦୧୭ରେ ଇସଲାମପୁର ଲୋକ ଅଦାଲତର ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରି ଚର୍ଚ୍ଚାକୁ ଆସିଥିଲେ। ସାମାଜିକ ଅବହେଳାକୁ ପଛରେ ପକାଇ ଆଇନଗତ ସେବା କ୍ଷେତ୍ରରେ ତାଙ୍କର ଏହି ସଫଳତା ଅନେକଙ୍କ ପାଇଁ ପ୍ରେରଣା।



ଏହି ସମସ୍ତ ବ୍ୟକ୍ତିତ୍ୱଙ୍କ ଜୀବନ ଆମକୁ ଗୋଟିଏ କଥା ଶିଖାଏ, ସୁଯୋଗ ଓ ସମ୍ମାନ ମିଳିଲେ ତୃତୀୟ ଲିଙ୍ଗର ବ୍ୟକ୍ତିମାନେ ମଧ୍ୟ ସମାଜର ପ୍ରତ୍ୟେକ କ୍ଷେତ୍ରରେ ନିଜର ଦକ୍ଷତା ପ୍ରମାଣ କରିପାରନ୍ତି। ତୃତୀୟ ଲିଙ୍ଗର ଜଣେ ବ୍ୟକ୍ତି ଜନ୍ମରୁ ଅଯୋଗ୍ୟ ନୁହନ୍ତି। କିନ୍ତୁ ପରିବାରର ଅସ୍ୱୀକାର, ବିଦ୍ୟାଳୟରେ ଉପହାସ, ନିଯୁକ୍ତିରେ ଭେଦଭାବ ଓ ସାଧାରଣ ଜୀବନରେ ଅପମାନ ସେମାନଙ୍କ ଆଗରେ ଅନେକ ପ୍ରତିବନ୍ଧକ ସୃଷ୍ଟି କରେ। ଯେତେବେଳେ ଆମେ ଜଣେ ଶିଶୁର ଲିଙ୍ଗ ପରିଚୟକୁ ନେଇ ହସୁ କିମ୍ବା ଅପମାନିତ କରୁ, ସେତେବେଳେ କେବଳ ତାଙ୍କୁ ନୁହେଁ, ତାଙ୍କ ଆତ୍ମବିଶ୍ୱାସ ଓ ଭବିଷ୍ୟତକୁ ମଧ୍ୟ ଆଘାତ ଦେଉ। ଏପରି ପରିସ୍ଥିତିରେ ପରିବାରର ସ୍ନେହ, ଶିକ୍ଷାନୁଷ୍ଠାନର ସହଯୋଗ ଓ ସମାଜର ସମ୍ମାନ ସେମାନଙ୍କ ଜୀବନ ବଦଳାଇପାରେ। ଶିକ୍ଷା, ନିଯୁକ୍ତି ଓ ସ୍ୱାସ୍ଥ୍ୟସେବାରେ ସମାନ ସୁଯୋଗ କୌଣସି ଦାନ ନୁହେଁ; ଏହା ସେମାନଙ୍କର ଅଧିକାର। ତୃତୀୟ ଲିଙ୍ଗର ବ୍ୟକ୍ତିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କେବଳ ଆଇନ କିମ୍ବା ସରକାରୀ ଯୋଜନା ଯଥେଷ୍ଟ ନୁହେଁ। ପରିବାରକୁ ନିଜ ସନ୍ତାନକୁ ଗ୍ରହଣ କରିବାକୁ ହେବ, ଶିକ୍ଷାନୁଷ୍ଠାନକୁ ଭେଦଭାବମୁକ୍ତ ହେବାକୁ ହେବ ଏବଂ ନିଯୁକ୍ତିଦାତାଙ୍କୁ ଲିଙ୍ଗ ପରିଚୟ ନୁହେଁ, ଯୋଗ୍ୟତାକୁ ଗୁରୁତ୍ୱ ଦେବାକୁ ହେବ। ଜଣେ ତୃତୀୟ ଲିଙ୍ଗର ବ୍ୟକ୍ତିଙ୍କୁ ସାହାଯ୍ୟ କରିବାର ଅର୍ଥ ତାଙ୍କୁ ଦୟାର ଦୃଷ୍ଟିରେ ଦେଖିବା ନୁହେଁ;



ତାଙ୍କୁ ଜଣେ ସମାନ ମଣିଷ ଭାବେ ଗ୍ରହଣ କରିବା। ତାଙ୍କ ଯୋଗ୍ୟତାକୁ ସ୍ୱୀକାର କରିବା ଓ ସମାନ ସୁଯୋଗ ଦେବା ହିଁ ଏକ ସଚେତନ ସମାଜର ପରିଚୟ। ଜଣେ ମଣିଷର ପରିଚୟ ତାଙ୍କ ଲିଙ୍ଗ ନିର୍ଦ୍ଧାରଣ କରିବ ନା ତାଙ୍କ କାର୍ଯ୍ୟ, ଚରିତ୍ର ଓ ମାନବିକତା। ଯେଉଁଦିନ ଜଣେ ତୃତୀୟ ଲିଙ୍ଗର ବ୍ୟକ୍ତି ଚାକିରି ପାଇଁ ଆବେଦନ କଲାବେଳେ ତାଙ୍କ ଯୋଗ୍ୟତା ହିଁ ଆଲୋଚନାର ବିଷୟ ହେବ, ଯେଉଁଦିନ ଘରଭଡ଼ା, ଚିକିତ୍ସା ଓ ସାଧାରଣ ଜୀବନରେ ତାଙ୍କୁ ନିଜ ପରିଚୟ ପାଇଁ ଅପମାନିତ ହେବାକୁ ପଡ଼ିବ ନାହିଁ, ସେହିଦିନ ଆମେ ଏକ ସଭ୍ୟ ସମାଜ ଗଢ଼ିଥିବା ବୋଲି କହିପାରିବା। କାରଣ ସମାଜର ଉନ୍ନତି କେବଳ ରାସ୍ତା, ଅଟ୍ଟାଳିକା ଓ ଆର୍ଥିକ ସମୃଦ୍ଧିରେ ମାପି ହୁଏ ନାହିଁ। ଏକ ସମାଜ କେତେ ଉନ୍ନତ, ତାହା ଏଥିରୁ ମଧ୍ୟ ଜଣାପଡ଼େ ଯେ ସେ ସମାଜର ସବୁଠାରୁ ଅବହେଳିତ ମଣିଷଟିକୁ କେତେ ସମ୍ମାନ ଦେଉଛି। ସମାନତାର ଅର୍ଥ ସମସ୍ତେ ଏକାପରି ହେବା ନୁହେଁ; ଭିନ୍ନତା ସତ୍ତ୍ୱେ ସମସ୍ତଙ୍କୁ ସମାନ ସମ୍ମାନ ଦେବା। ମଣିଷକୁ ମଣିଷ ଭାବେ ଦେଖିବା ଶିଖିବା, ପରିବର୍ତ୍ତନର ଆରମ୍ଭ ସେଇଠାରୁ ହିଁ ହେଉ।

ମୋ. : ୯୧୮୪୨୦୦୧୬୪୫୦

MENTAL HEALTH AMONG COLLEGE STUDENTS : A Social Issue that demands legal attention



Anusuya Rout

College life is often described as a joyful stage of life, yet many students struggle with anxiety, loneliness, academic pressure and fear of failure. In India, marks and career achievements are often given greater importance than emotional well-being. Student mental health is therefore not just a personal concern; it is a social issue that requires legal protection and institutional attention.

Financial problems, family expectations, discrimination, relationships and uncertainty about the future can affect students deeply. Social media adds pressure by encouraging constant comparison. Many students remain silent because they fear being judged or labelled weak. Without timely support, these difficulties may seriously affect their studies and daily lives.

Article 21 of the Indian Constitution protects the right to life with dignity, which includes mental well-being. Article 14 guarantees equality before the law. The Mental Healthcare Act, 2017, especially Section 18, recognises the right to access mental healthcare and treatment through governmentrun or government-funded services. Together, these protections show that mental health deserves legal recognition, not social stigma.

In Sukhdev Saha v. State of Andhra Pradesh (2025), the Supreme Court issued fifteen binding guidelines for educational institutions, including mental health policies, counselling support and staff training. In Amit Kumar v. Union of India, the Court constituted a National Task Force in 2025 and continued examining student mental health and institutional safeguards in 2026. These development underline the responsibility of educational institutions to protect students.

Colleges should provide affordable counselling, confidential support, effective anti-ragging measures and regular mental health awareness programmes. Teachers must respond sensitively when a student appears withdrawn or performs poorly. Parents and society also need to understand that academic results do not measure a person's worth. Laws will make a real difference only when institutions implement them sincerely.

Education should prepare students for life, not only for examinations and employment. Protecting mental well-being is closely connected to dignity, equality and the right to life. A truly successful college is one where students feel safe enough to ask for help. A student's life will always matter more than their marks.

E-mail: routanusuya6@gmail.com

ପୂର୍ବତନ ଜେଲ୍ ଡିଜିଙ୍କ ନାଁରେ ଯୌନ ନିର୍ଯାତନା ମାମଲା

ବିଳମ୍ବିତ ମାମଲାକୁ ନେଇ ପ୍ରଶ୍ନ ଉଠାଇଲେ ହାଇକୋର୍ଟ



ଭୁବନେଶ୍ୱର (ଭିଓଭି) : ଯୌନ ନିର୍ଯାତନା ମାମଲାରେ ଫସିଥିବା ପୂର୍ବତନ ଜେଲ ଡିଜି ସୁଶାନ୍ତ କୁମାର ନାଥ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିବା ବେଳେ ଏହା ଉପରେ ଶୁଣାଣି ଆରମ୍ଭ ହୋଇଛି। ଏନେଇ ଆଜି ଶୁଣାଣି ହୋଇଥିବା ବେଳେ ବିଭିନ୍ନ ପକ୍ଷ ନିଜ ନିଜର ଯୁକ୍ତି ଉପସ୍ଥାପନ କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୧ ତାରିଖରେ ହେବ ବୋଲି କୋର୍ଟ କହିଥିବା ବେଳେ ଘଟଣା ଘଟିବାର ଦୀର୍ଘ ଦିନ ପରେ ମାମଲା ରୁଜୁ କରାଯିବା ଉପରେ ଉଠାଇଥିଲେ ପ୍ରଶ୍ନ।

ଚୌଦ୍ୱାର ଜେଲ୍‌ର ଜଣେ ପୂର୍ବତନ ମହିଳା ଜେଲର ସୁଶାନ୍ତ କୁମାର ନାଥଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣି ଚୌଦ୍ୱାର ଥାନାରେ ଏତଲା ଦେବା ପରେ ସେ ଗତ ସୋମବାର ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ସହିତ ସେ ମାମଲାଟିକୁ ଖାରଜ କରିବା ପାଇଁ କୋର୍ଟରେ ଆବେଦନ କରିଛନ୍ତି। ଚୌଦ୍ୱାର ଜେଲ୍‌ର ଉକ୍ତ ପୂର୍ବତନ ମହିଳା ଜେଲର୍ ଅଭିଯୋଗ କରିଛନ୍ତି ଯେ କୁଲଦୀପ ରଥ ନାମକ ଜଣେ ବ୍ୟକ୍ତି ଜେଲ୍ ପରିଦର୍ଶନରେ ଆସିଥିବା ବେଳେ ନିଜକୁ ଡିଜି (ଜେଲ୍)ଙ୍କ ବନ୍ଧୁ ଭାବେ ପରିଚୟ ଦେଇଥିଲେ ଓ ତାଙ୍କ ମୋବାଇଲ ଫୋନ୍ ନମ୍ବର ନେଇଥିଲେ। ପରେ କୁଲଦୀପ ରଥ ତାଙ୍କ ପାଖକୁ ଇମୋଜି ସହିତ ଏମିତି କିଛି ମେସେଜ୍ ପଠାଇଥିଲେ, ଯେଉଁଗୁଡ଼ିକ ଗ୍ରହଣଯୋଗ୍ୟ ନୁହେଁ। ୨୦୨୫ ଅଗଷ୍ଟ ୨୯ ଓ ସେପ୍ଟେମ୍ବର ୨୫ ଓ ୨୬ ତାରିଖରେ କୁଲଦୀପ ରଥ ତାଙ୍କୁ ଏକ ହୋଟେଲକୁ ଏକୁଟିଆ ଆସିବାକୁ ନିମନ୍ତ୍ରଣ କରିଥିଲେ। ସେଠାରେ ଡିଜି ତାଙ୍କୁ ଏକାକୀ ଭେଟିବାକୁ ଚାହୁଁଥିବା ସେ କହିଥିଲେ। ତେବେ ପୂର୍ବତନ ମହିଳା ଜେଲର ଏହି ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଫଳସ୍ୱରୂପ ସୁଶାନ୍ତ କୁମାର ନାଥ ତାଙ୍କ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନଗୁଡ଼ିକୁ ତାଙ୍କର ସେହି ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ ସହିତ ଯୋଡ଼ିଥିଲେ। ଚଳିତ ବର୍ଷ ସେପ୍ଟେମ୍ବର ୭/୮ ତାରିଖରେ ହୋଇଥିବା ବୈଠକରେ ସେ ତାଙ୍କୁ କହିଥିଲେ, 'ତୁମେ ଯଦି ମୋତେ ଭେଟିବାକୁ ଆସିଥାଆନ୍ତ, ତା'ହେଲେ ଏସବୁର ସମ୍ମୁଖୀନ ହୋଇନଥାନ୍ତ।'

ଏହି ପୂର୍ବତନ ମହିଳା ଜେଲର୍ ଆହୁରି ଅଭିଯୋଗ କରିଛନ୍ତି ଯେ ଚୌଦ୍ୱାର ଜେଲ୍‌ର ପୂର୍ବତନ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କ ବିରୋଧରେ ସେ ଦେଇଥିବା ଏଫଆଇଆରକୁ ପ୍ରତ୍ୟାହାର କରିନେବାକୁ ତାଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ ସୁଶାନ୍ତ କୁମାର ନାଥ। ଏହା ସହିତ ତାଙ୍କୁ ଚାକିରିରୁ ବାହାର କରିଦେବାକୁ ତଥା ଶାରୀରିକ କ୍ଷତି ପହଞ୍ଚାଇବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ସୁଶାନ୍ତ ନାଥଙ୍କ ବିରୋଧରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା, ପଦବୀର ଅପବ୍ୟବହାର, ଅପରାଧିକ ଧମକ ଓ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଭଳି ଅଭିଯୋଗ ଆସିବା ପରେ ଆକ୍ସନ ମୁଡ୍‌କୁ ଆସିଥିଲେ ରାଜ୍ୟ ସରକାର। ନଭେମ୍ବର ୧ ତାରିଖରେ ତାଙ୍କୁ ଜେଲ୍ ଡିଜି ପଦରୁ ହଟାଇ ଗୃହ ବିଭାଗର ଓଏସଡି ଭାବେ ବଦଳି କରାଯାଇଥିଲା। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ କୁଲଦୀପ ରଥ ମଧ୍ୟ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ତାଙ୍କର ଆବେଦନ ଉପରେ ମଧ୍ୟ ୧୧ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ।



Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

Editor: Gyana Ranjan Mishra ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର